## ଧାନ କିଣିବାକୁ ଜିଲା ବାହାର ମିଲରଙ୍କ ସମ୍ମତି

ଭଦ୍ରକ, ୩।୨ (ସନାତନ ରାଉତ)

ଭଦ୍ରକ ଜିଲାରେ ଧାନ କିଣାରେ ବିଭିନ୍ନ ସମସ୍ୟାକୁ ଦୂର କରିବା ପାଇଁ ବାହାର ମିଲରଙ୍କୁ ନିୟୋଜିତ ଲାଗି ସରକାରଙ୍କ ଅନୁମୋଦନ ମିଳିଛି। ସମ୍ବଲପୁର ଜିଲାରୁ୧୩, ଯାଜପୁରରୁ ଜଣେ ଓ ଖୋର୍ଦ୍ଧାରୁ ଜଣେ ସମୁଦାୟ ୧୫ଜଣ ମିଲର ଭଦ୍ରକ ଜିଲାରୁ ଧାନ କିଣିବାକୁ ସମ୍ମତି ପ୍ରକାଶ କରିଛନ୍ତି। ଏଥିପାଇଁ ଆବଶ୍ୟକ ଅମାନତ ଜମା ପ୍ରଦାନ ଓ କାଗଜ ଦାଖଲ ପରେ ସେମାନେ ଧାନ କିଣା ଆରମ୍ଭ କରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସୋମବାର ସୁଦ୍ଧା ଜିଲାରୁ ସମୁଦାୟ ୧୧,୯୨,୨୯୬.୨୩ କୁଇଣ୍ଟାଲ ଧାନ କିଣାଯାଇଛି। ସେଥିରୁ ୧୦,୧୬,୮୮୮.୨୩ କୁଇଣ୍ଟାଲ ଧାନ ମିଲରମାନେ ମଣ୍ଡିରୁ ଉଠାଇ ସାରିଥିବା ବେଳେ ୧ ଲକ୍ଷ ୭୫ ହଜାର ୪୦୮ କୁଇଣ୍ଟାଲ ମଣ୍ଡିରେ ପଡ଼ି ରହିଥିବା ସୂଚନା ଦିଆଯାଇଛି।

## କଟ୍‌ନି ଛଟ୍‌ନିକୁ ବିରୋଧ
# ଧାନବସ୍ତା ରଖି ରାସ୍ତାରେ ବସିଲେ ଚାଷୀ

ବାସୁଦେବପୁର,୩।୨ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକର ୩୬ ପଞ୍ଚାୟତ ଓ ପୌରପାଳିକାର ଚାଷୀମାନେ ଧାନ ବିକ୍ରି ବେଳେ କଟ୍‌ନି ଛଟ୍‌ନିର ଶିକାର ହେଉଛନ୍ତି। ଏହାକୁ ବିରୋଧ କରି ବାସୁଦେବପୁର ଅଞ୍ଚଳର ଚାଷୀମାନେ ମିଳିତ ଭାବେ ଆନ୍ଦୋଳନ କରି ରାଜରାସ୍ତାକୁ ଓହ୍ଲାଇଛନ୍ତି। ସୋମବାର ବାସୁଦେବପୁରର ୪ଟି ସ୍ଥାନ ନରସିଂହପୁର, ଏଡ଼ତାଳ, ଇରମ ଓ ବିଦେଇପୁରଠାରେ ଚାଷୀମାନେ ପୃଥକ୍ ଭାବେ ରାସ୍ତାରେ ଧାନବସ୍ତା ରଖି ରାସ୍ତାରୋକୋ କରି ବସି ରହିଥିଲେ। ଫଳରେ ସକାଳ ୧୦ଟାରୁ ବାସୁଦେବପୁର ଅଞ୍ଚଳରେ ଯାତାୟାତ ଠପ୍ ହୋଇପଡ଼ିଥିଲା।

ଜାମୁଝାଡ଼ି-ଧାମରା ରାସ୍ତାର ନରସିଂହପୁର, ବିଦେଇପୁର, ବାସୁଦେବପୁର- ଇଚ୍ଛାପୁର ରାସ୍ତାର ଏଡ଼ତାଳ, ବାସୁଦେବପୁର-ଇରମ ରାସ୍ତାର ଇରମ ହାଇସ୍କୁଲ ଛକଠାରେ ଏହି ଆନ୍ଦୋଳନ କରାଯାଇଥିଲା।



ନରସିଂହପୁରଠାରେ ରାସ୍ତାରେ ଧାନବସ୍ତା ରଖି ଆନ୍ଦୋଳନରତ ଚାଷୀ।

ଧାନ କ୍ରୟ ବେଳେ କଟ୍‌ନି ଛଟ୍‌ନି ବନ୍ଦ ଓ ମିଲରଙ୍କ ମନମାନିକୁ ରୋକିବା ପାଇଁ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଅପରାହ୍ନ ୨ଟା ବେଳେ ବିଧାୟକ ଅଶୋକ କୁମାର ଦାସ, ତହସିଲଦାର ସୌଭାଗ୍ୟ ପଣ୍ଡା, ସିଏସ୍‌ଓ ଲିଙ୍ଗରାଜ ବେହେରା, ଏସିଏସ୍‌ଓ ଶରତ ବେହେରା ଓ ନରସିଂହପୁର ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା ଏହାର ସମାଧାନ ପାଇଁ ନରସିଂହପୁର ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଏକ ବୈଠକ କରିଥିଲେ। ବୈଠକରେ ନିଷ୍ପତ୍ତି ମୁତାବକ ମିଲରମାନେ ୩ ଦିନ ଧାନକିଣା ବନ୍ଦ ରଖିବେ ଓ ଜିଲାର ଅନ୍ୟ ୩/୪ ମିଲର ବାସୁଦେବପୁରରୁ ଧାନକିଣା ପାଇଁ ଧାର୍ଯ୍ୟ ହୋଇଛି। ଏହି ୩ଦିନ ପରେ ଏଫ୍‌ଏକ୍ୟୁ ମାନର ଧାନ କ୍ରୟ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ରାସ୍ତାରୋକୋ ଚାଲିଥିବା ୪ଟି ସ୍ଥାନରେ ବିଧାୟକ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କରିବା ପରେ ପ୍ରତ୍ୟାହୃତ ହୋଇଥିଲା।

## ଚାଷୀ ବେଶରେ ପରଖିଲେ ଜିଲାପାଳ

ଧାମନଗର,୩।୨ (ସନ୍ତୋଷ କୁମାର ମହାପାତ୍ର)

ଚାଷୀ ବେଶରେ ମଣ୍ଡିରେ ପହଞ୍ଚି ଅବ୍ୟବସ୍ଥା ପରଖିଛନ୍ତି ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ। ଜଣେ ଚାଷୀ ସାଜି ଧାନ ବିକ୍ରି କଥା ବୁଝିବା ସମୟରେ ମଣ୍ଡିରେ କଟ୍‌ନି ଛଟ୍‌ନି କରାଯାଉଥିବା ଜାଣିବାକୁ ପାଇବା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସମିତି ସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ହାଫ୍ ପ୍ୟାଣ୍ଟ, ଟି-ଶାର୍ଟ ପିନ୍ଧି ମୁହଁରେ ମାସ୍କ ଲଗାଇ ମୁଣ୍ଡରେ ଟୋପି ପିନ୍ଧି ଜିଲାପାଳ ଶନିବାର ଅଚାନକ ଧାମନଗର ବ୍ଲକର କଟସାହି ସେବା ସମବାୟ ସମିତି ଧାନ ମଣ୍ଡିରେ ପହଞ୍ଚିଥିଲେ। ମଣ୍ଡିରେ କିପରି ଧାନ ବିକ୍ରି ହେଉଛି, ସେ ବିଷୟରେ ଅବଗତ ହେବା ପାଇଁ ସେ ଚାଷୀ ବେଶରେ ଯାଇଥିଲେ। ମଣ୍ଡିରୁ କିଛି ଦୂରରେ ଗାଡ଼ି ରଖି ଡ୍ରାଇଭର ଓ ସୁରକ୍ଷା କର୍ମୀଙ୍କୁ ସାଙ୍ଗରେ ଧରି ଚାଲି ଚାଲି ଯାଇଥିଲେ। ଦୋକାନୀ ଓ ଚାଷୀଙ୍କୁ ଧାନ ବିକ୍ରି ବିଷୟରେ ପଚାରି ବୁଝିଥିଲେ। ମଣ୍ଡିରେ ପହଞ୍ଚି ଜଣେ ଚାଷୀଙ୍କ ପରିଚୟ ଦେଇ ସମିତି

### ସମିତି ସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ

ସମ୍ପାଦକ ବିନୋଦ ଦଳାଇଙ୍କୁ ଆଗାମୀ ୪ ତାରିଖରେ ଧାନ ବିକ୍ରି ପାଇଁ ଟୋକନ ଆସିଛି, ଧାନ ଆଣିବେକି ନାହିଁ, କେତେ କଟ୍‌ନି ଛଟ୍‌ନି ହେଉଛି ଆଦି ପଚାରିଥିଲେ। ୮ କେଜି ପର୍ଯ୍ୟନ୍ତ କଟ୍‌ନି ଛଟ୍‌ନି କରାଯିବ ବୋଲି ମଣ୍ଡି ଦାୟିତ୍ୱରେ ଥିବା ସମ୍ପାଦକ ଜିଲାପାଳଙ୍କୁ କହିଥିଲେ। ଏହା ଶୁଣିବା ପରେ ଜିଲାପାଳ ଧାନକିଣାରେ ସରକାରୀ ନିୟମ ଉଲ୍ଲଂଘନ ହେଉଥିବା ଅନୁଭବ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ସମବାୟ ସହକାରୀ ଉପନିବନ୍ଧକ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ସମିତି ସମ୍ପାଦକଙ୍କୁ ଚିଠି ନଂ. ୧୦୫/୧।୨।୨୫ ଅନୁଯାୟୀ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ବ୍ଲକର ମଣ୍ଡି ସମ୍ପାଦକ ଓ ମିଲରମାନେ ଭୟଭୀତ ହୋଇଛନ୍ତି। ଜିଲାପାଳଙ୍କ ଏହି ପଦକ୍ଷେପକୁ ଚାଷୀ ମହଲରେ ସ୍ୱାଗତ କରାଯାଇଛି।

## ରାଶନକାର୍ଡ ହାତେଇଛନ୍ତି ୧୫୮ ସରକାରୀ କର୍ମଚାରୀ

ବନ୍ତ,୩।୨ (ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକର ୨୫ ପଞ୍ଚାୟତରେ ୧୫୮ ସରକାରୀ କର୍ମଚାରୀ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ହାତେଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ସୂଚନା ଅନୁଯାୟୀ ବଡ଼ବର୍ଦ୍ଧିକର୍ଯ୍ୟାଁରେ ୭, ଆଡ଼ିଆରେ ୫, ଅଣିଜୋରେ ୭, ବଡ଼ମହିଷଗୋଠରେ ୭, ବସନ୍ତିଆରେ ୭, ବନ୍ତରେ ୪, ଛୟାଳସିଂହରେ ୬, ଗଣିଜାଙ୍ଗରେ ୧୫, ଗୋପୀନାଥପୁରରେ ୧୫, ଗୋବିନ୍ଦପୁରରେ ୪, କାଦବରାଙ୍ଗରେ ୫, କେନ୍ଦୁଆପଦାରେ ୫, ମହାନ୍ତିପଡ଼ାରେ ୪, ନିଳୋକରେ ୪, ଓଡ଼ଙ୍ଗରେ ୧, ପଧାନପଡ଼ାରେ ୮, ପୁରୁଷଣ୍ଡରେ ୧୩, ରାମକୃଷ୍ଣପୁରରେ ୮, ରାମପୁରରେ ୧୧, ରାମଚନ୍ଦ୍ରପୁରରେ ୨, ସେଣ୍ଟତୀରାରେ ୮, ଗିଲୋରେ ୯ ଓ ତୋଡ଼ଗାଁରେ ୩ ସରକାରୀ କର୍ମଚାରୀ ରାଶନ କାର୍ଡ ହାତେଇଛନ୍ତି। ଏହି ତାଲିକାରେ ବିଭିନ୍ନ ବର୍ଗର ସରକାରୀ କର୍ମଚାରୀ ରହିଛନ୍ତି। ସେଥିମଧ୍ୟରେ ଅଙ୍ଗନୱାଡ଼ି ସହାୟକ, ଗୃହରକ୍ଷୀ ଥିବାବେଳେ ସେମାନଙ୍କ ମାସିକ ପାରିଶ୍ରମିକ ୧୦ ହଜାରରୁ କମ୍ ରହିଛି।

## ଶତାଧିକ ଧାନବସ୍ତା ପଡ଼ିରହିଥିବା ଦେଖି ଉଦ୍‌ବେଗ


ବିଡିଓ ସଞ୍ଜୀବ କୁମାର ମହାପାତ୍ର ମଣ୍ଡିରେ ଚାଷୀମାନଙ୍କ ସହ କଥା ହେଉଛନ୍ତି।

ଧୂଷୁରୀ, ୩।୨ (ଦୀପ୍ତି ରଞ୍ଜନ ନାୟକ)

ଚାନ୍ଦବାଲି ବିଡିଓ ସଞ୍ଜୀବ କୁମାର ମହାପାତ୍ର ସୋମବାର ଆରଡ଼ି ସେବା ସମବାୟ କାର୍ଯ୍ୟାଳୟ ପରିସରରେ ଖୋଲା ଯାଇଥିବା ଧାନ ମଣ୍ଡି ପରିଦର୍ଶନ କରିଛନ୍ତି। ବିଡିଓ ଅପରାହ୍ନ ୩ଟାରେ ଅଚାନକ ପହଞ୍ଚି ମଣ୍ଡିରେ ଶତାଧିକ ଧାନବସ୍ତା ପଡ଼ି ରହିଥିବା

### ବିଡିଓଙ୍କ ମଣ୍ଡି ପରିଦର୍ଶନ

ଦେଖି ଉଦ୍‌ବେଗ ପ୍ରକାଶ କରିଥିଲେ। ଆରଡ଼ି ପ୍ରାଥମିକ ସେବା ସମବାୟ ସମିତି ସମ୍ପାଦକ ଦେବବ୍ରତ ରାୟଙ୍କୁ ଧାନବସ୍ତା ନ ଉଠିବାର କାରଣ ପଚାରିଥିଲେ। ମିଲରମାନେ ଧାନ ନେଉ ନ ଥିବା ସମିତି ସମ୍ପାଦକ ବିଡିଓଙ୍କୁ ଜଣାଇଥିଲେ। ବିଡିଓ ସଙ୍ଗେ ସଙ୍ଗେ ମିଲରଙ୍କ ସହ ଧାନବସ୍ତା ନ ଉଠିବା ନେଇ ଫୋନ୍ ମାଧ୍ୟମରେ ପଚାରିବା ସହ ବିରକ୍ତ ହୋଇଥିଲେ। ତୁରନ୍ତ ଧାନ ବସ୍ତା ଉଠାଇବାକୁ କହିଥିଲେ। ଏଥିସହ ଏ ବିଷୟରେ ଜିଲାପାଳ ଦିଲୀପ କୁମାର ରାଉତରାଏଙ୍କୁ ଅବଗତ କରିଥିଲେ। ସନ୍ଧ୍ୟାରେ ଗାଡ଼ି ପଠାଇ ଧାନ ବସ୍ତା ନେଇଯିବେ ବୋଲି ମିଲର ପ୍ରତିଶ୍ରୁତି ଦେଇଥିଲେ। ଧାନ ମଣ୍ଡିରେ ଉପସ୍ଥିତ ଥିବା ଚାଷୀମାନଙ୍କୁ ବିଡିଓ କଟ୍‌ନି ଛଟ୍‌ନି ବିଷୟରେ ମଧ୍ୟ ପଚାରି ବୁଝିଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ


ସ୍ୱାଧୀନତା ସଂଗ୍ରାମୀ ଭାଗବତ ସାହୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥି।

ତିହିଡ଼ି, ୩।୨ (ସଞ୍ଜିତ ବଳ)

ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ଏମ୍‌ପି ଦିବଂଗତ ଭାଗବତ ସାହୁ ଥିଲେ ତିହିଡ଼ିର ଅସ୍ମିତା। ମାଟି ପ୍ରତି ଉତ୍ସର୍ଗୀକୃତ ମନୋଭାବ ପାଇଁ ସେ ସ୍ମରଣୀୟ ରହିବେ ବୋଲି ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସାହୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମତବ୍ୟକ୍ତ କରିଛନ୍ତି। ମୁଖ୍ୟଅତିଥି ସୋମବାର ଅପରାହ୍ନ ୧ଟା ବେଳେ ସ୍ୱାଧୀନତା ସଂଗ୍ରାମୀଙ୍କ ସମାଧି ପୀଠରେ ପୁଷ୍ପଗୁଚ୍ଛ ପ୍ରଦାନ କରିବା ପରେ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ତିହିଡ଼ି ବ୍ଲକର ମୁକୁନ୍ଦପୁର ପଞ୍ଚାୟତ ଝିଙ୍କିରିଆ ଗ୍ରାମର ଭାଗବତ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ସଭାରେ ବରିଷ୍ଠ ଶିକ୍ଷାବିତ୍ ସନାତନ ସାହୁ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଆରସା ସରକାରୀ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଜ୍ଞାପାରମିତା ସାହୁ ଏବଂ ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ଶୈଳେନ୍ଦ୍ର ବାରିକ, ସାମାଜିକ କର୍ମୀ ସୁରେନ୍ଦ୍ର ନାୟକ, ଚିତ୍ତରଞ୍ଜନ ସାମନ୍ତ ପ୍ରମୁଖ ଯୋଗଦେଇ ଦିବଂଗତ ଏମ୍‌ପିଙ୍କ ଜୀବନୀ ଓ ଅବଦାନ ଉପରେ ଆଲୋକପାତ କରିଥିଲେ। ପୂର୍ବତନ ସରପଞ୍ଚ କମଳାକାନ୍ତ ସ୍ୱାଇଁ, କୀର୍ତ୍ତନ ରାଉତ, ଅୟସକାନ୍ତ ମହାପାତ୍ର, ଗଣେଶ ନାୟକ, ଧୀରେନ୍ଦ୍ର ସାହୁ, ଗୌରହରି ମହାନ୍ତି, ସିଆର୍‌ସିସି କେଶବ ଚନ୍ଦ୍ର ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସାମାଜିକ କର୍ମୀ ସୁଧାଂଶୁ ନାୟକ ଧନ୍ୟବାଦ ଦେଇଥିଲେ। ଆରମ୍ଭରେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରାଯିବା ସହ ନୀରବ ପ୍ରାର୍ଥନା କରାଯାଇ ସ୍ୱର୍ଗତ ଅମର ଜେନାଙ୍କ ଅମରାତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ଅଲେଖ ମହାଳିକ, ସୁବାସ ଖଣ୍ଡୁଆଳ, ରବୀନ୍ଦ୍ର ପଣ୍ଡା, ପ୍ରତିମା ପତି, ପୀତାମ୍ବର ମହାଳିକ, ବିବେକାନନ୍ଦ ପତି, ସଚ୍ଚିଦାନନ୍ଦ ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗବେଷକ କମଳାକାନ୍ତଙ୍କୁ 'ଉତ୍ତର ଓଡ଼ିଶା ଗର୍ବ' ସମ୍ମାନ


ଡ. କମଳାକାନ୍ତ ଜେନାଙ୍କୁ ସମ୍ମାନିତ କରାଯାଉଛି।

ଭଦ୍ରକ,୩।୨ (ସନାତନ ରାଉତ)

ଭଦ୍ରକ କଲେଜର ପଦାର୍ଥ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଡ. କମଳାକାନ୍ତ ଜେନାଙ୍କୁ 'ଉତ୍ତର ଓଡ଼ିଶା ଗର୍ବ-୨୦୨୫' ସମ୍ମାନ ମିଳିଛି। ଉଚ୍ଚକୋଟୀର ଗବେଷଣା ଓ ଶିକ୍ଷା କ୍ଷେତ୍ରରେ ସାମାଜିକ ଖ୍ୟାତି ଲାଭ କରିଥିବା ବ୍ୟକ୍ତିଙ୍କୁ ଉତ୍ସବ-ଉତ୍ତର ଓଡ଼ିଶା ପରିଷଦ ପକ୍ଷରୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ବାଲେଶ୍ୱର-କେନ୍ଦୁଝର-ମୟୂରଭଞ୍ଜ-ଭଦ୍ରକକୁ ନେଇ ବାଲେଶ୍ୱର ଆଇଟିଆଇ ପଡ଼ିଆରେ ହେଉଥିବା ଏହି ଉତ୍ସବର ୩ୟ ସନ୍ଧ୍ୟାରେ ରବିବାର ମୁଖ୍ୟଅତିଥି ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ଡ. ଜେନାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ବିପ୍ଳବୀ ଧରଣୀଧରଙ୍କ ନାମରେ ନାମିତ ତୃତୀୟ ସନ୍ଧ୍ୟାର ଏହି ମଞ୍ଚରେ ବାସୁଦେବପୁର ବିଧାୟକ ଅଶୋକ ଦାସ, ବାଲେଶ୍ୱର ସଦର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ବିଜେଡିର ରାଜ୍ୟ ମୁଖପାତ୍ର ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଦାସ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ନିଜର ସାମଗ୍ରିକ କୃତୀ ସକାଶେ ଡ. ଜେନା ୪୦ରୁ ଅଧିକ ସମ୍ମାନରେ ସମ୍ମାନିତ ହୋଇସାରିଛନ୍ତି। ବିଭିନ୍ନ ପତ୍ରପତ୍ରିକାରେ ତାଙ୍କର ଅଦ୍ୟାବଧି ୧୫ଶହରୁ ଅଧିକ ଜନପ୍ରିୟ ବିଜ୍ଞାନ ପ୍ରବନ୍ଧ ପ୍ରକାଶିତ ହୋଇଛି। ଏଥିସହ ରେଡିଓରେ ୮୦ରୁ ଅଧିକ ଓ ଟିଭିରେ ୨୫ରୁ ଅଧିକ ବିଜ୍ଞାନ କାର୍ଯ୍ୟକ୍ରମ ପ୍ରସାରିତ ହୋଇଛି।

## ଭଣ୍ଡାରିପୋଖରୀ ମହୋତ୍ସବ

ଭଣ୍ଡାରିପୋଖରୀ,୩।୨ (ରାଜେନ୍ଦ୍ର ଶତପଥୀ)

ମହୋତ୍ସବ ଲୁକ୍କାୟିତ ପ୍ରତିଭାଙ୍କୁ ଜାଗ୍ରତ କରେ। ମହୋତ୍ସବ ପାଳନ ଯୁଗ ଯୁଗ ଧରି ଅବିସ୍ମରଣୀୟ ହୋଇ ରହିବ ବୋଲି ଭଣ୍ଡାରିପୋଖରୀ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସରସ୍ୱତୀ ପୂଜା ଅବସରରେ ରବିବାର ଭଣ୍ଡାରିପୋଖରୀ କଲେଜ ପଡ଼ିଆରେ ମହୋତ୍ସବର ଆରମ୍ଭ ହୋଇଛି। ମହୋତ୍ସବ କମିଟି ସଭାପତି ଲକ୍ଷ୍ମୀଧର ନାୟକଙ୍କ ସଭାପତିତ୍ୱରେ ପ୍ରଥମ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ନିରଞ୍ଜନ ପଟ୍ଟନାୟକ, ସାମାଜିକ କର୍ମୀ ଗିରିଶ ଚନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ପବନ କୁମାର ନାୟକ ମଞ୍ଚ ଆହ୍ୱାନ କରିଥିବା ବେଳେ କଲେଜ ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣ ଅତିଥି ପରିଚୟ ଦେଇଥିଲେ। କମିଟି ସମ୍ପାଦକ ଗୋଲକ ଚନ୍ଦ୍ର ବେହେରା ବିବରଣୀ ପାଠ, କାର୍ଯ୍ୟକାରୀ ସଭାପତି ଲଳିତ ରାଉତ ସ୍ୱାଗତ ଭାଷଣ ପ୍ରଦାନ ଓ ସଦସ୍ୟ ବିଜୟ ଶଙ୍କର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କମିଟିର ସଦସ୍ୟମାନେ ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଉପସ୍ଥିତ ଅତିଥି।

## ଜନଶୁଣାଣି ଶିବିରରେ ୧୩୯ ଅଭିଯୋଗ

ଭଦ୍ରକ,୩।୨ (ସନାତନ ରାଉତ)

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି ଶିବିରରେ ଯୋଗଦେଇ ମୋଟ ୧୩୯ଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୩୮ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଜିଲା ରେଡ୍‌କ୍ରସ ପାଣ୍ଠିରୁ ୪ ଆବେଦନକାରୀଙ୍କୁ ସମୁଦାୟ ୧୬ ହଜାର ଆର୍ଥିକ ସହାୟତା ପାଇଁ ମଞ୍ଜୁର କରାଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇଥିଲେ। ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଓ ତନ୍ମୟ କମାର ଜେନା ସହଯୋଗ କରିଥିଲେ।

## ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ

ଧାମନଗର,୩।୨ (ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଅଜୟ ବେଜଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ଡ. ସମୀର ହୁଇ, ମୁଖ୍ୟବକ୍ତା ପ୍ରଦୀପ ରାୟ, ଅନ୍ୟତମ ଅତିଥି ଭାବେ ସଞ୍ଜୟ ପଣ୍ଡା ଓ ଅଧ୍ୟାପିକା ସ୍ମରଣିକା ପ୍ରଧାନ ଯୋଗ ଦେଇଥିଲେ। ପ୍ରଶିକ୍ଷିକା ଭାବେ ଲୋପାମୁଦ୍ରା ରାଉତ ଓ ବବିତା ବେହେରା ଛାତ୍ରୀଙ୍କୁ ନୂଆ ନୂଆ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଥିଲେ। ଅଧ୍ୟାପିକା ବାସ୍ତବିକା ଦାସ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସଂଯୋଜିକା ଅଧ୍ୟାପିକା କଲ୍ୟାଣୀ ଦାଶ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଶିବିର ୮ ଦିନ ଧରି ଚାଲିବ। ୧୧୪ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ଅଧ୍ୟକ୍ଷ କହିଥିଲେ। ପ୍ରାଧ୍ୟାପକ ସନ୍ଦୀପ ଘୋଷ, ବୈରଗଞ୍ଜନ ଦାଶ, ସୁଶ୍ରୀ ସଂଗୀତା ନାୟକ, ଆଶୀର୍ବାଦ ମହାନ୍ତି, ଡ.ସାଜିଆ ତମକୀନ, ଡ. ଦେବାଶିଷ ମଲ୍ଲିକ ଓ ଡ. ହରିପ୍ରିୟା ସେଠୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ଶ୍ୱେତା ସାମିନି ଧନ୍ୟବାଦ ଅର୍ପଣ କରିଥିଲେ।

## ଚରମ୍ପା ମହାବିଦ୍ୟାଳୟ ଛାତ୍ରସଂସଦର ବାର୍ଷିକୋତ୍ସବ


ଜଣେ କୃତୀ ଛାତ୍ରୀଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

ଭଦ୍ରକ,୩।୨ (ସନାତନ ରାଉତ)

ରାଜ୍ୟରେ ଗଠନ ହୋଇଥିବା ନୂଆ ସରକାର ଅଞ୍ଚଳବାସୀଙ୍କ ଭାବାବେଗକୁ ବୁଝୁଛନ୍ତି। ଛାତ୍ରୀଛାତ୍ରଙ୍କ ଆବଶ୍ୟକତାକୁ ବୁଝି ସରକାର ପଦକ୍ଷେପ ନେଉଛନ୍ତି ବୋଲି ଭଦ୍ରକ ଚରମ୍ପା ମହାବିଦ୍ୟାଳୟ ଛାତ୍ରସଂସଦର ୪୪ତମ ବାର୍ଷିକୋତ୍ସବରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ସୋମବାର ଅପରାହ୍ନ ୧ଟାରେ ଏହି କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମନ୍ତ୍ରୀ ମହାବିଦ୍ୟାଳୟର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ୧୬ଟି ଶ୍ରେଣୀଗୃହ ଓ ୪ଟି ଲାବୋରେଟୋରୀ, ରାସ୍ତା ସମେତ ମୋଟ ୨୨ କୋଟିର ପ୍ରକଳ୍ପ ଶିଳାନ୍ୟାସ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପୀତାମ୍ବର ନାୟକଙ୍କ ସଭାପତିତ୍ୱରେ ବାର୍ଷିକୋତ୍ସବରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ଓ ବରେଣ୍ୟ ଅତିଥି ଭାବେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ର ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ପହଞ୍ଚିବା ପାଇଁ ଉଦ୍ୟମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ସ୍ତମ୍ଭକାର ଅଭୟ ସୂତାର ଏବଂ ଅନ୍ୟତମ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ, ତ୍ୟାଗଭୂମିର ସଭାପତି ଅଜୟ ନାୟକ, ଜିଲା ପରିଷଦ ସଦସ୍ୟ ମଳୟ ଜେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସହ ଉପଦେଷ୍ଟା ଡ. ସୁକାନ୍ତି ମହାପାତ୍ର ବିବରଣୀ ପାଠ କରିଥିବା ବେଳେ ଉପଦେଷ୍ଟା ଡ. ପ୍ରମୋଥ ପାଣି ଧନ୍ୟବାଦ ଦେଇଥିଲେ। ଅନ୍ୟତମ ଉପଦେଷ୍ଟା ତପନ ନାୟକ, ଉତ୍ପଳା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସାଂସ୍କୃତିକ ଉତ୍ସବ

ଭଦ୍ରକ, ୩।୨ (ରବିନାରାୟଣ ଖିଲାର)

ଭଦ୍ରକର ଇଚ୍ଛାପୁରସ୍ଥିତ ବରହମପୁର ସ୍କୁଲ ପଡ଼ିଆରେ ଦର୍ଶନ ଏକାଡେମୀ ପକ୍ଷରୁ ୮ମ ସାଂସ୍କୃତିକ ଉତ୍ସବ ଶନିବାର ରାତି ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ସୁଦର୍ଶନ ନାୟକଙ୍କ ସଂଯୋଜନା ଓ ନୃତ୍ୟ ନିର୍ଦ୍ଦେଶିକା ଅର୍ଚ୍ଚନା ବଳ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଏବଂ ମୁଖ୍ୟବକ୍ତା ଭାବେ ଭକ୍ତିବଲ୍ଲଭ ଆଚାର୍ଯ୍ୟ ମହାରାଜ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଶିଷ୍ଟ ଅତିଥି ଭାବେ ଇଂ. ଅଭୟ ସୂତାର, ଅବନ୍ତିକା ଆବାସିକ ମହାବିଦ୍ୟାଳୟର ନିର୍ଦ୍ଦେଶିକା ଇଂ. ସଂଗୀତା ଦାସ, ଜିଲା ଭାଜପା ସଭାପତି ହେମନ୍ତ ପାଢ଼ୀ, ଆଇନଜୀବୀ ଗଦାଧର ବଳ, କଣ୍ଠଶିଳ୍ପୀ ଶଶିକଳା ମିଶ୍ର, ରାଜେନ୍ଦ୍ର ବଳ ପ୍ରମୁଖ ଯୋଗ ଦେଇଥିଲେ। ନୃତ୍ୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ। ଏହି ଏକାଡେମୀ ପିଲାମାନଙ୍କ ମଧ୍ୟରେ ରହିଥିବା ପ୍ରତିଭାକୁ ନୃତ୍ୟ ମାଧ୍ୟମରେ ବିକଶିତ କରିବାର ସୁଯୋଗ ଦେଇଛି ବୋଲି ଅତିଥିମାନେ କହିଥିଲେ। ଅଧ୍ୟାପକ ଜୟନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୩ରୁ ଭଦ୍ରାୟଣୀ, ପଲ୍ଲିଶ୍ରୀ ମେଳା


ଟିଜର ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଅଧିକାରୀମାନେ।

ଭଦ୍ରକ,୩।୨ (ସନାତନ ରାଉତ)

ଭଦ୍ରକ ଜିଲା ମହୋତ୍ସବ ଭଦ୍ରାୟଣୀ ଓ ପଲ୍ଲିଶ୍ରୀ ମେଳା ଆସନ୍ତା ୧୩ ତାରିଖରୁ ଆରମ୍ଭ ହେବ। ସୋମବାର ଅପରାହ୍ନ ୪ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରୁ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହାର ଟିଜର ଉଦ୍‌ଘାଟନ କରିଛନ୍ତି। ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ, ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇଥିଲେ। ୫ଦିନ ଧରି ଭଦ୍ରକ ନେହେରୁ ଷ୍ଟାଡିୟମ୍‌ରେ 'ଭଦ୍ରାୟଣୀ' ଆୟୋଜନ ହେବାକୁ ଥିବାବେଳେ ଜିଲା ଏବଂ ଜିଲା ବାହାରୁ ମହିଳା ଗୋଷ୍ଠୀଙ୍କ ଉତ୍ପାଦନ ସାମଗ୍ରୀ ବିକ୍ରୟ ପାଇଁ ଷ୍ଟଲ୍ ଖୋଲିବାର ସୁଯୋଗ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ନିଜ ଅଞ୍ଚଳର ପ୍ରତିଭାବାନ କଳାକାରମାନଙ୍କୁ ପ୍ରତିଭା ପ୍ରଦର୍ଶନ ପାଇଁ ସୁଯୋଗ ଦେବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଟ୍ରାଫିକ ନିୟନ୍ତ୍ରଣ ପାଇଁ ପାର୍କିଂ ଜୋନ୍ ଉପରେ ପ୍ରାଧାନ୍ୟ ଦେବାକୁ ଏସ୍‌ପିଙ୍କୁ ଦାୟିତ୍ୱ ଦିଆଯାଇଛି। ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ବାଇକ୍ ଜଳିଗଲା

ଯୋଡ଼ା,(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ୫୨୦ନମ୍ବର ଜାତୀୟ ରାଜପଥର ବିଲେଇପଦା ଟୋଲଗେଟ୍ ନିକଟରେ ସୋମବାର ଅପରାହ୍ନ ୪ଟାରେ ଏକ ଚଳନ୍ତା ବାଇକ୍‌ରେ ନିଆଁ ଲାଗି ଜଳିଯାଇଛି। କୌଣସି କାରଣରୁ ବାଇକ୍‌ରେ ନିଆଁ ଲାଗିଯିବାରୁ ଚାଳକ ଡେଇଁ ପଡ଼ିଥିଲେ। ବାଇକ୍‌ଟି ସମ୍ପୂର୍ଣ୍ଣ ଜଳି ଯାଇଛି।

## ସଂକ୍ଷେପରେ

### ବାକି ଟଙ୍କାକୁ କେନ୍ଦ୍ର କରି ଗଣ୍ଡୋଗୋଳ

ହାଟଡ଼ିହୀ,୩।୨(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ନନ୍ଦିପଦା ଥାନା ମରୈଗାଁ ବଜାରରେ ବାକି ଟଙ୍କାକୁ କେନ୍ଦ୍ର କରି ସୋମବାର ଗଣ୍ଡୋଗୋଳ ହୋଇଛି। ଘଟଣାରେ ପୋଲିସ ମରୈଗାଁର ନଣ୍ଡା ବେହେରାକୁ ଅଟକ ରଖିଛି। ଶଙ୍ଖଣା ଗ୍ରାମର ସୁଶାନ୍ତ ସେଠୀ ମରୈଗାଁ ବଜାରରେ ମାଛ ବ୍ୟବସାୟ କରନ୍ତି। ସୁଶାନ୍ତଙ୍କ ପାଖରୁ ନଣ୍ଡା ବାକିରେ ମାଛ ନେଇ ବାକି ଟଙ୍କା ଦେଇ ନ ଥିଲେ। ସୁଶାନ୍ତ ମାଗିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଘଟି ଗଣ୍ଡଗୋଳ ଘଟିଥିଲା। ସୁଶାନ୍ତଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା(ନଂ.୨୮/୨୦୨୫) ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର କହିଛନ୍ତି।

### ୧୦ ପାଳଗଦା ଜାଳିଦେଲେ

ପାଟଣା,୩।୨(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସାନ ଯାମୁପଶି ଓ ପୁଟୁଳିଆ ଗ୍ରାମରେ ଗତ ୨ ଦିନରେ ୧୦ରୁ ଊର୍ଦ୍ଧ୍ୱ ପାଳ (କୁଟା) ଗଦାରେ ଦୁର୍ବୃତ୍ତ ନିଆଁ ଲଗାଇ ଦେଉଛନ୍ତି। ପୁଟୁଳିଆର ବିରବର ମହାନ୍ତ, ବ୍ରଜବନ୍ଧୁ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ମୁରଲିଧର ମହାନ୍ତ ଓ ସାନଜାମୁପୋସି ଗ୍ରାମର କାଳିଆ ମହାନ୍ତ, ଶିବ ନାଏକ, ବୁଲୁ ମହାନ୍ତ, ମୋହନ ମହାନ୍ତ, ଖଗେଶ୍ୱର ମହାନ୍ତଙ୍କ ପାଳ ଗଦା ଜଳିଯାଇଛି।

### କଂଗ୍ରେସ ନେତାଙ୍କ ମନ୍ତବ୍ୟକୁ ନେଇ ଭାଜପାର ବିକ୍ଷୋଭ

ପାଟଣା,୩।୨(ବୀର କିଶୋର ଦାଶ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ଅପମାନ ଜନକ ମନ୍ତବ୍ୟ ଦେଇଥିବା କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ବିରୋଧରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଏହାର ପ୍ରତିବାଦରେ ସୋମବାର ଅପରାହ୍ନରେ କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବାଉଁଶୁଳି ଉଖୁଣ୍ଡା ରାସ୍ତାର ବାଉଁଶୁଳି ଛକରେ କୁଶ ପୁତ୍ତଳିକା ଦାହ କରାଯାଇଛି। ଖିରେଇଟାଙ୍ଗିରୀ ଭାଜପା ମଣ୍ଡଳ ସଭାପତି ମନୋଜ ମହାନ୍ତଙ୍କ ନେତୃତ୍ୱରେ ପୂର୍ବତନ ମଣ୍ଡଳ ସଭାପତି ମହେନ୍ଦ୍ର ନାଏକ, ପୂର୍ବତନ ଖୀରେଇଟାଙ୍ଗିରୀ ମନୋଜ ନାଏକ, ଭାଜପା ଜିଲା ଏସ୍‌ଟି ମୋର୍ଚ୍ଚା ସଭାପତି ମଳାକାନ୍ତ ସିଂ, ପୂର୍ବତନ ସାଧାରଣ ସମ୍ପାଦକ ବୁଲୁ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

### ରବୀନ୍ଦ୍ର କେନ୍ଦୁଝରର ନୂତନ ଅତିରିକ୍ତ ଜିଲାପାଳ

କେନ୍ଦୁଝର,୩।୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର): ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ରବୀନ୍ଦ୍ର ପ୍ରଧାନ ସୋମବାର ପୂର୍ବାହ୍ନରେ କେନ୍ଦୁଝରର ଅତିରିକ୍ତ ଜିଲାପାଳ (ରାଜସ୍ୱ) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ କେନ୍ଦ୍ରାପଡ଼ା ଉପ ଜିଲାପାଳ ଭାବେ କାର୍ଯ୍ୟ କରୁଥିଲେ। ପୂର୍ବତନ ଅତିରିକ୍ତ ଜିଲାପାଳ ଆଲୋକ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯୁଗ୍ମ ସଚିବ ଭାବେ ବଦଳି ପରେ ସାଧାରଣ ଓ ବିବିଧ ବିଭାଗର ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ ଉଭୟ ଦାୟିତ୍ୱରେ ଥିଲେ। ଅତିରିକ୍ତ ଜିଲାପାଳ ଭାବେ ପ୍ରଧାନ ଦାୟିତ୍ୱ ନେବା ପରେ ଜିଲା ପ୍ରଶାସନ ତରଫରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରେ ଦରବାର ହଲଠାରେ ଆୟୋଜିତ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ଯୋଗଦେଇଥିଲେ।

# ରାସ୍ତା ପାର ହେବାକୁ ହାତୀ ହୀନସ୍ତା

## ସରୁନି ପାଇପ୍ ଲାଇନ କାମ



କେନ୍ଦୁଝର,୩।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ରେଞ୍ଜ ଓ ଘଟଗାଁ ରେଞ୍ଜ ଦେଇ ଜଙ୍ଗଲରେ ସ୍ଲରି ପାଇପ ବିଛା କାମ ଚାଲିଛି। ପଥର ଫଟାଇ, ମାଟି ଖୋଳି ଏବଂ ଜଙ୍ଗଲ ନଷ୍ଟ କରି ଦୀର୍ଘ ବର୍ଷ ଧରି ବଡ଼ ବଡ଼ ପାଇପ ବିଛା ଯାଉଛି। ଫଳରେ ଏନ୍‌ଏଚ୍ କଡ଼ରେ ବ୍ୟାପକ ଜଙ୍ଗଲ ଓ ପରିବେଶ ନଷ୍ଟ ହେବା ସହ ହାତୀ ଓ ବନ୍ୟପ୍ରାଣୀଙ୍କ ପାଇଁ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ସୋମବାର ସକାଳେ ଏନ୍‌ଏଚ୍ ୨୦ କଡ଼ରେ ଚାଲିଥିବା ପାଇପ୍ ଲାଇନ କାମ ଯୋଗୁ ହାତୀ ପାର ହେବାକୁ ହୀନସ୍ତା ହୋଇଛନ୍ତି। ଏଭଳି ଏକ ଦୃଶ୍ୟ ଅନେକଙ୍କୁ ବ୍ୟଥିତ କରିଛି।

ପ୍ରକାଶ ଯେ, ସଦର ରେଞ୍ଜ ନରଣପୁର ସେକ୍ସନ ନେକଡାଘର ନିକଟରେ ହାତୀପଲ ରାସ୍ତାକୁ ଲାଗି ଜଙ୍ଗଲରେ ଏନ୍‌ଏଚ୍ ୨୦ ପାର ହେବାକୁ ଅଟକି ରହିଥିଲେ। ପାଇପ ବିଛାଇବା ପାଇଁ ରାସ୍ତା କଡ଼ରେ ଖୋଳା ଯାଇଥିବା ଏବଂ ରାସ୍ତାରେ ବହୁ ସଂଖ୍ୟାରେ ଗାଡ଼ି ଚଳାଚଳ ଯୋଗୁ ରାସ୍ତା ପାର ହୋଇ ନ ପାରି ଗୋଟିଏ ପାର୍ଶ୍ୱରେ ଅଟକି ଯାଇଥିଲେ। ରାସ୍ତାରେ ଯିବା ଆସିବା କରୁଥିବା ଲୋକମାନେ ଭୟଭୀତ ହୋଇପଡ଼ିଥିଲେ। କେତେଜଣ ଦୂରରୁ ଦେଖି ମୋବାଇଲରେ ଫଟୋ ଉଠାଇଥିଲେ। ଖବର ପାଇ ବନ କର୍ମଚାରୀ ପହଞ୍ଚି ହାତୀଙ୍କୁ ସୁରକ୍ଷିତ ରାସ୍ତା ପାର କରିବାକୁ ବ୍ୟବସ୍ଥା କରିଥିଲେ। ହାତୀପଲ ରାସ୍ତା ପାର ହୋଇ ନରଣପୁର ସଂରକ୍ଷିତ ଜଙ୍ଗଲକୁ ଚାଲିଯାଇଥିଲେ। ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି, ସୂଚନା ପାଇବା ପରେ ବନ କର୍ମଚାରୀ ଘଟଣାସ୍ଥଳକୁ ଯାଇ ସୁରକ୍ଷିତ ରାସ୍ତା ପାର କରାଇବା ବ୍ୟବସ୍ଥା କରିଛନ୍ତି।

# ସମ୍ପାଦକଙ୍କୁ ବ୍ୟକ୍ତିଗତ ହାଜର ନିର୍ଦ୍ଦେଶ

## ସମବାୟ ସମିତି ଅର୍ଥ ହେରଫେର ଘଟଣା

ହାଟଡ଼ିହୀ,୩।୨(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ମରୈଗାଁ ସେବା ସମବାୟ ସମିତିର ସମ୍ପାଦକ ଶରତ ସେଠୀ ୮୨ ଲକ୍ଷ ୪୨ ହଜାର ୬୭୨ ଟଙ୍କା ସମିତି ଅନୁଦାନ ହେରଫେର କରିଥିବା ୨୦୨୧-୨୨ ବର୍ଷ ଅଡିଟ ରିପୋର୍ଟରେ ସ୍ପଷ୍ଟ ହୋଇଥିଲା। ଘଟଣାରେ ସମିତି ସମ୍ପାଦକ ସେଠୀ ଚଳିତ ମାସ ଫେବୃଆରୀ ୧୨ରେ କେନ୍ଦୁଝର ଡିଆର୍‌ସିଏସ୍ ଅଫିସରେ ବ୍ୟକ୍ତିଗତ ହାଜର ହେବାକୁ ନିର୍ଦ୍ଦେଶ ହୋଇଛି। ସୂଚନାଯୋଗ୍ୟ, ଅଡିଟ୍ ରିପୋର୍ଟରେ ଟଙ୍କା ରିକଭରି ପାଇଁ ଦର୍ଶାଯାଇ ସମ୍ପାଦକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦୁଝର ଡିଆର୍‌ସିଏସ ୭ ଡିସେମ୍ବର ୨୦୨୪ରେ ନିର୍ଦ୍ଦେଶ ଜାରି କରିଥିଲେ। ପରେ ସମିତିର କମିଟି ମ୍ୟାନେଜମେଣ୍ଟକୁ କାରଣ ଦର୍ଶାଅ ନୋଟିସ ହୋଇଥିଲା। ଘଟଣାକୁ ନେଇ ଗତ ଜାନୁୟାରୀ ୩୦ରେ ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରେ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଧାନ କିଣା କାର୍ଯ୍ୟରୁ ଅନ୍ତର, ୨୦୧୮ରୁ ଜାନୁୟାରୀ ୨୦୨୫ ପର୍ଯ୍ୟନ୍ତ ସମିତିକୁ ତଦନ୍ତ କରିବା ନେଇ ଅଭିଯୋଗ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ରାଜ୍ୟ ସମବାୟ ବିଭାଗ ଏବଂ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ତରଫରୁ କେନ୍ଦୁଝର ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ହୋଇଛି। ଆନନ୍ଦପୁର ଏଆର୍‌ସିଏସ୍ ବିକାଶ ନାୟକ କହିଛନ୍ତି, ସମିତି ସମ୍ପାଦକ ଫେବୃୟାରୀ ୧୨ରେ କେନ୍ଦୁଝର ଡିଆରସିଏସ ଅଫିସରେ ବ୍ୟକ୍ତିଗତ ହାଜର ପାଇଁ ଏକ ଚିଠି ହସ୍ତଗତ ହୋଇଛି।

# ୫୬୭ ନିର୍ମାଣ ଶ୍ରମିକଙ୍କୁ ସହାୟତା ବଣ୍ଟନ




ମନ୍ତ୍ରୀ ଜଣେ ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

କେନ୍ଦୁଝର,୩।୨(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରର ସଂସ୍କୃତି ଭବନରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅନ୍ତର୍ଗତ ଏକ ଜିଲାସ୍ତରୀୟ ମେଗା ଶିବିର ତଥା ସହାୟତା ବଣ୍ଟନ କାର୍ଯ୍ୟକ୍ରମ ସୋମବାର ପୂର୍ବାହ୍ନ ୧୧ଟାରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧୀନରେ ୫୬୭ ଜଣ ଯୋଗ୍ୟ ହିତାଧିକାରୀ ଏବଂ ସେମାନଙ୍କ ନୋମିନିଙ୍କୁ ମୋଟ ୩ କୋଟି ୫ ଲକ୍ଷ ୧୦ ହଜାର ୨୦୦ ଟଙ୍କାର ବିଭିନ୍ନ ସହାୟତା ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଉଦ୍‌ଘାଟନ କରି ନିର୍ମାଣ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସାମ୍ମାନିତ ଅତିଥିଭାବେ ତେଲକୋଇ ବିଧାୟକ ଡ. ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, କେନ୍ଦୁଝର ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ, ଏମ୍‌ପିଙ୍କ ପ୍ରତିନିଧି ହରିହର ମହାନ୍ତ, ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଞ୍ଜୀବ କୁମାର ବେହେରା, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ବିବେକାନନ୍ଦ ମହାନ୍ତ ପ୍ରମୁଖ ଯୋଗଦେଇ ୧୯୮ ଜଣଙ୍କୁ ଶିକ୍ଷା ସହାୟତା ବାବଦକୁ ୧୭,୨୫,୨୦୦ ଟଙ୍କା, ୯୫ ଜଣଙ୍କୁ ମୃତ୍ୟୁ ସହାୟତା ବାବଦରେ ୧ କୋଟି ୯୦ ଲକ୍ଷ, ୭୯ ଜଣଙ୍କୁ ଶବଦାହ ବାବଦରେ ୩ ଲକ୍ଷ ୯୫ ହଜାର , ୧୮୫ ଜଣଙ୍କୁ ବିବାହ ସହାୟତା ବାବଦରେ ୯୩ ଲକ୍ଷ ଏବଂ ୯ ଜଣଙ୍କୁ ମାତୃତ୍ୱ ସହାୟତା ବାବଦରେ ୯୦ ହଜାର ପ୍ରଦାନ କରାଯାଇଥିଲା। ୨୦୦ ଜଣ ଯୋଗ୍ୟ କୋଠା ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ସଚେତନତା ସୃଷ୍ଟି ପାଇଁ, ଶ୍ରମ ବିଭାଗର ବିଭିନ୍ନ କାର୍ଯ୍ୟକଳାପ ଏବଂ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ସାଧାରଣ ଜନତାଙ୍କ ମଧ୍ୟରେ ଲିଫଲେଟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ୪୦୦ରୁ ଅଧିକ ଶ୍ରମିକ ଯୋଗ ଦେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାରମ୍ଭ ଉତ୍ସବ

ଢେଙ୍କିକୋଟ,୩।୨(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟଠାରେ ବିଦ୍ୟାଭାରତୀ ଶିକ୍ଷା ବିକାଶ ଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋମବାର ପୂର୍ବାହ୍ନ ୧୧ଟାରେ 'ବିଦ୍ୟାରମ୍ଭ ସଂସ୍କାର' ପାଳନ ହୋଇଯାଇଛି। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଲୋକନାଥ ମହାନ୍ତଙ୍କ ତତ୍ତ୍ୱାବଧାନରେ ଓଡ଼ିଆ ଜାତିର ପରମ୍ପରା ଅନୁଯାୟୀ ଶିଶୁ ବୋଧ ଶ୍ରେଣୀ ନିମନ୍ତେ ଛାତ୍ରୀଛାତ୍ରଙ୍କ ମାଆଙ୍କୁ ବିଦ୍ୟାଳୟକୁ ଆମନ୍ତ୍ରଣ କରାଯାଇଥିଲା। ଏଥିରେ ୩୦ ଜଣ ମାଆ ଯୋଗ ଦେଇଥିଲେ। ବୋଧ ଶ୍ରେଣୀ ଦକ୍ଷ ଗୁରୁମା ରଞ୍ଜିତା ରାଣୀ କରଙ୍କ ସମେତ ସମସ୍ତ ଗୁରୁମା, ଗୁରୁଜୀ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଲୋକନାଥ ମହାନ୍ତ ବୋଧ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଶିକ୍ଷା ସମ୍ବନ୍ଧୀୟ ସୂଚନା ଦେଇ ମାଆମାନଙ୍କୁ ବୁଝାଇଥିଲେ। ବିଦ୍ୟାର ମହତ୍ତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇବା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଦ୍ୟାମନ୍ଦିର ପରିସରରୁ ଗୃହ ଓ କଳସ ଶୋଭାଯାତ୍ରା ବାହାରି ଢେଙ୍କିକୋଟ ବଜାରସ୍ଥିତ ବାବା ବିଶ୍ୱନାଥ ମନ୍ଦିରକୁ ଯାଇଥିଲା। ସେଠାରେ ଯଥାବିଧି ପୂଜାର୍ଚ୍ଚନା ପରେ ବିଦ୍ୟାମନ୍ଦିରକୁ ଫେରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର ସମସ୍ତ ଗୁରୁମା, ଗୁରୁଜୀ, ଆଚାର୍ଯ୍ୟା, ଆଚାର୍ଯ୍ୟ, ସେବିକା, ସେବକ ସହଯୋଗ କରିଥିଲେ। ଚଳିତ ବର୍ଷ ଶିକ୍ଷା ନିମନ୍ତେ ବିଦ୍ୟାମନ୍ଦିରରେ ନୂତନ ଭାବେ ବୋଧ ଶ୍ରେଣୀରେ ନାମ ଲେଖା ଚାଲିଥିବା ପ୍ରଧାନ ଆଚାର୍ଯ୍ୟ ଲୋକନାଥ ମହାନ୍ତ ପ୍ରକାଶ କରିଛନ୍ତି।

# ଟ୍ରକ୍ ମାଲିକଙ୍କ ଆନ୍ଦୋଳନ ୮ମ ଦିନରେ

## ସାମିଲ ହେଲେ ବରିଷ୍ଠ ନେତା

ଯୋଡ଼ା,୩।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଦେଓଝରଠାରେ ଥିବା ଏକ ଘରୋଇ ପ୍ଲାଣ୍ଟରୁ ୪୦ ପ୍ରତିଶତ ପରିବହନ ସଡ଼କ ପଥରେ କରିବା ଦାବିରେ ଟ୍ରକ ମାଲିକଙ୍କ ଧାରଣା ସୋମବାର ୮ମ ଦିନରେ ପହଞ୍ଚିଛି। ସୋମବାର ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ସମାଧାନ ପାଇଁ ଜିଲା ପ୍ରଶାସନ ଓ ପ୍ଲାଣ୍ଟ କର୍ତ୍ତୃପକ୍ଷ କୌଣସି ଆଲୋଚନା କରୁ ନ ଥିବାରୁ ଟ୍ରକ୍ ମାଲିକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଅଭିଯୋଗ ଅନୁଯାୟୀ, ଗତ କିଛି ମାସ ହେବ ସଡ଼କ ପଥରେ ପରିବହନ ନ କରାଯାଇ ରେଳ ଯୋଗେ ହେବା ଦ୍ୱାରା ଗାଡ଼ି ମାଲିକଙ୍କ ଜୀବନ ଜୀବିକା ଦୁର୍ବିସହ ହୋଇ ପଡିଛି। ଯୋଡ଼ା ଖଣି ମଣ୍ଡଳ ଅଧୀନସ୍ଥ ଯୋଡ଼ା ଟ୍ରକ ମାଲିକ ଓ ଆଞ୍ଚଳିକ ଟ୍ରକ୍ ମାଲିକ ସଂଘର ଅନେକ ହଜାର ଗାଡ଼ି ପରିବହନ କାର୍ଯ୍ୟ ପାଇପାରୁନାହାନ୍ତି। ଏଭଳି ସ୍ଥିତିରେ ଗାଡ଼ି ମାଲିକମାନେ ଅସହାୟ ହୋଇ ପଡ଼ିଛନ୍ତି। ୮ମ ଦିନରେ ପୂର୍ବତନ କେନ୍ଦୁଝର ଏମ୍‌ପି ଯଶୋବନ୍ତ ନାରାୟଣ ସିଂ ଲାଗୁରୀ ଆନ୍ଦୋଳନସ୍ଥଳରେ ପହଞ୍ଚି ଟ୍ରକ୍ ମାଲିକଙ୍କ ଦାବିକୁ ସମର୍ଥନ ଜଣାଇଛନ୍ତି। ଏଥିସହ ଧାରଣାସ୍ଥଳରେ ଦଳମତ ନିର୍ବିଶେଷରେ କଂଗ୍ରେସ, ବିଜେଡି ଓ ଭାଜପା ଦଳର ବରିଷ୍ଠ ନେତା ଓ କର୍ମୀମାନେ ମଧ୍ୟ ଯୋଗଦେଇଛନ୍ତି। ଏ ନେଇ କମ୍ପାନୀ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

# ସ୍ଥାୟୀ ନିଯୁକ୍ତି ଦାବିରେ ଇସି ସଦସ୍ୟାଙ୍କ ବିକ୍ଷୋଭ

ଛେନାପଦି/ବଉଳା,୩।୨(ନିରାକାର ପରିଡ଼ା/ ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ୩୧ଟି ପଞ୍ଚାୟତର ଜୀବିକା ମିଶନ ଓ ମିଶନ ଶକ୍ତିର ଶତାଧିକ ମହିଳା ଇସି ସଦସ୍ୟା ସୋମବାର ପୂର୍ବାହ୍ନ ୧୧ଟାରେ ବ୍ଲକ୍ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମିଶନ ଶକ୍ତିର ସଭାନେତ୍ରୀ ସାବିତ୍ରୀ ସା ଓ ସମ୍ପାଦିକା ଦେବକୀ ନାୟକଙ୍କ ନେତୃତ୍ୱରେ ହାଟଡ଼ିହୀ ତହସିଲ ଛକରୁ ଶୋଭାଯାତ୍ରା ଯାଇ ସ୍ଥାୟୀ ନିଯୁକ୍ତି ଦାବି କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଅଭିଯୋଗ ମୁତବକ, ବିଜେଡି ସରକାରଙ୍କ ସମୟରେ ଇସି ସଦସ୍ୟାମାନେ ନିଯୁକ୍ତି ପାଇଥିଲେ। ସରକାର ବଦଳିବା ପରେ ପୁନର୍ବାର ସେମାନଙ୍କ ପଦବୀଗୁଡ଼ିକୁ ପୁନଃଗଠନ ନିମନ୍ତେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରକାଶ କରିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସେମାନଙ୍କ ସ୍ଥାୟୀ ନିଯୁକ୍ତି ଓ ପୁନଃଗଠନ ପ୍ରକ୍ରିୟା ବନ୍ଦ ଏବଂ ଭତ୍ତା ବଢ଼ାଇବା ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଇସି ସଦସ୍ୟାମାନେ ହାଟଡ଼ିହୀ ମଣ୍ଡଳ ଅଧିକାରୀ ରଞ୍ଜନ ପରିଡ଼ାଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରିଛନ୍ତି।

# ଗାଡ଼ି ଆସୁନି, ପଡ଼ି ରହିଛି ଧାନ

## ଅସାଧୁ ବ୍ୟବସାୟୀ ସକ୍ରିୟ

ହାଟଡିହୀ,୩।୨(ଶୁଭକାନ୍ତ ନାୟକ)

ରାଜ୍ୟ ସରକାର ଚାଷୀଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ଧାନ କିଣାରେ ସ୍ୱଚ୍ଛତା ଆଣିବା ପାଇଁ ବିଭିନ୍ନ ସମୟରେ ନିର୍ଦ୍ଦେଶ ଜାରି କରୁଛନ୍ତି। ଧାନ ମଣ୍ଡି ଜରିଆରେ ଠିକ୍ ଏବଂ ସୁଚାରୁ ରୂପେ ଚାଷୀଙ୍କଠାରୁ ଧାନ କିଣିବାକୁ ନାନା ଖସଡ଼ା ମଧ୍ୟ ପ୍ରସ୍ତୁତ କରାଯାଇଛି। ମାତ୍ର ସରକାରଙ୍କ ଆଭିମୁଖ୍ୟ ପ୍ରତି ମିଲ୍ ମାଲିକମାନେ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ମିଲର ମଣ୍ଡିକୁ ଗାଡ଼ି ପଠାଉ ନ ଥିବାରୁ ଚାଷୀଙ୍କ ଧାନ ପଡ଼ିରହୁଛି। କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଉଅଁର ସମବାୟ ସମିତିରେ ଚାଷୀଙ୍କଠାରୁ ଧାନ ଆମଦାନୀ ଏବଂ ମିଲଗୁଡ଼ିକୁ ରପ୍ତାନି ନେଇ ବିଭ୍ରାଟ ଉପୁଜୁଛି। ଅଦ୍ୟାବଧି ବିଭାଗୀୟ ଏବଂ ପ୍ରଶାସନିକ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଚାଷୀ ଅସନ୍ତୋଷ ବୃଦ୍ଧି ପାଉଛି।

ସୂଚନାଯୋଗ୍ୟ, ଉକ୍ତ ସମିତି ଅଧୀନରେ ୬ଟି ପଞ୍ଚାୟତର ୪୦ଟି ଗ୍ରାମର ଚାଷୀ ନିର୍ଭର କରନ୍ତି। ସମିତି ଅଧୀନରେ ଉଅଁର ଏବଂ ଶାଳନିଆଁଠାରେ ଦୁଇଟି ଧାନ ମଣ୍ଡି ଖୋଲିଛି। ପ୍ରଥମ ପର୍ଯ୍ୟାୟରେ ଏଠାକୁ ପ୍ରାୟ ୭୫ ହଜାର କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ଆସିଛି। ୨ ମଣ୍ଡିରେ ରବିବାର ବ୍ୟତୀତ ଅନ୍ୟ ସବୁ ବାରରେ ଚାଷୀଙ୍କଠାରୁ ଧାର୍ଯ୍ୟ ପରିମାଣରେ ଧାନ କିଣାଯାଉଛି। ଉଦ୍ଦିଷ୍ଟ ତାରିଖ ଅନୁସାରେ ଚାଷୀ ସମିତିର ମଣ୍ଡିକୁ ଧାନ ନେଇଆସୁଛନ୍ତି। କିନ୍ତୁ ମିଲ୍ ମାଲିକମାନେ ଠିକ୍ ସମୟରେ ମଣ୍ଡିକୁ ଗାଡି ପଠାଉନାହାନ୍ତି। ଫଳରେ ଦୀର୍ଘ ଦିନ ଧରି ଧାନବସ୍ତା ଖରା, କାକର ଖାଇ ବାହାରେ ପଡ଼ିରହୁଛି। ବାହାରେ ଧାନ ପଡ଼ି ରହିବା ଯୋଗୁ ଚୋରି ଏବଂ ନଷ୍ଟ ହେବା ଭୟ ମଧ୍ୟ ରହିଛି। ଯାହାକି ଚାଷୀ ଏବଂ ସମିତି ସମ୍ପାଦକ ଉଭୟଙ୍କ ମଧ୍ୟରେ ଅଶାନ୍ତିର କାରଣ ସାଜୁଛି। ଦିନକୁ ଦିନ ଏପରି ଅବ୍ୟବସ୍ଥା ବଢୁଥିବାରୁ ଅସାଧୁ ବ୍ୟବସାୟୀ ସକ୍ରିୟ ହୋଇ ଫାଇଦା ଉଠାଉଛନ୍ତି। ଚାଷୀ ଠକାମିର ଶିକାର ହେଉଛି। ଗାଁ, ଗହଳିରେ ଗାଡ଼ି ପୂରାଇ ଅସାଧୁ ଚାଷୀଙ୍କଠାରୁ କମ୍ ମୂଲ୍ୟରେ ଧାନ କିଣୁଛନ୍ତି। ଏ ନେଇ ପୋଲିସ କିମ୍ବା ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି।

ଆନନ୍ଦପୁର ସିଭିଲ ସୋସାଇଟି ସମ୍ପାଦକ ଭଗବାନ ମଲ୍ଲିକ କହିଛନ୍ତି, କିଛି ନ୍ୟସ୍ତସ୍ୱାର୍ଥ ସରକାରୀ ବାବୁଙ୍କ ପାଇଁ ଅସାଧୁ ବ୍ୟବସାୟୀ ଗାଁରେ ଅଧିକ ସକ୍ରିୟ ହେଉଛନ୍ତି। ସମିତି ସମ୍ପାଦକ ଉମାକାନ୍ତ ନାୟକ କହିଛନ୍ତି, ମିଲ୍ ମାଲିକମାନେ ଠିକ୍ ସମୟରେ ମଣ୍ଡିକୁ ଗାଡ଼ି ପଠାଉନାହାନ୍ତି। ଫଳରେ ଚାଷୀଙ୍କ ଧାନ ପଡ଼ି ରହିବା ଫଳରେ ଅଶାନ୍ତି ଦେଖା ଦେଉଛି। ଆନନ୍ଦପୁର ଏଆରସିଏସ ବିକାଶ ନାୟକ କହିଛନ୍ତି, ମିଲଗୁଡ଼ିକ ତରଫରୁ ଠିକ ଭାବେ ଗାଡ଼ି ପଠା ଯାଉ ନ ଥିବାରୁ ସମସ୍ୟା ଉପୁଜୁଛି। ତେଣୁ ନିକଟ ଅତୀତରେ ଏକ ବୈଠକ ବସିଥିଲା। ଆବଶ୍ୟକତା ମୁତାବକ ଗାଡି ଧାନ ମଣ୍ଡିକୁ ପଠାଇବେ ବୋଲି ମିଲ ମାଲିକମାନେ ବୈଠକରେ ମତ ଦେଇଛନ୍ତି।

# ଜିଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ

ବାରିପଦା,୩।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଷ୍ଟାଡିୟମ ପଡ଼ିଆରେ ଓଡ଼ିଶା କ୍ରିକେଟ ଆସୋସିଏସନ ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ପୂର୍ବାହ୍ନ ୧୦ଟାରେ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚରେ ବିସିଏ ଦଳ ମୟୁରଭଞ୍ଜ (ଏ) କୁ ୧୪୫ ରନରେ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ବିସିଏ ଦଳ ୪୦ ଓଭରରେ ୭ ଉଇକେଟ ହରାଇ ୨୫୮ ରନ ସଂଗ୍ରହ କରିଥିଲା ଜବାବରେ ମୟୁରଭଞ୍ଜ (ଏ) ୧୮. ୧ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୧୩ ରନ ସଂଗ୍ରହ କରିଥିଲା। ରୋହନ ସାହୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମିତାଭ ପଟ୍ଟନାୟକ ଓ ସୁଶାନ୍ତ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ। ଅତିଥି ଭାବେ ବିଶିଷ୍ଟ କ୍ରୀଡ଼ାବିତ ପରେଶ ଚନ୍ଦ୍ର ମହାନ୍ତ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କ୍ରିକେଟ ସହ ସମ୍ପାଦକ ହରପ୍ରସାଦ ପାତ୍ର ଓ ଫୁଟବଲ ସହ ସମ୍ପାଦକ ଅମର କୁମାର ସେଠି ପ୍ରମୁଖ ଉପସ୍ଥିତ ଥିଲେ।

# ଅସୁରକ୍ଷିତ ପରିବେଶରେ ଶିଶୁଙ୍କୁ ଶିକ୍ଷାଦାନ

କେନ୍ଦୁଝର,୩।୨(ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ଜିଲା ପାହାଡ଼ିଆ ଅଞ୍ଚଳରେ ପ୍ରାକ୍ ପ୍ରାଥମିକ ପାଠ୍ୟକ୍ରମ ଅବହେଳିତ ହୋଇପଡ଼ିଛି। କେଉଁଠି ଅସୁରକ୍ଷିତ ଘରେ ଅଙ୍ଗନୱାଡ଼ି କେନ୍ଦ୍ର ଚାଲୁଛି ତ କେଉଁଠି ନିୟମିତ ଖାଦ୍ୟ ମିଳୁନାହିଁ। ଅନେକ ସ୍ଥାନରେ ପିଲାଙ୍କ ଖେଳକୁଦ ବ୍ୟବସ୍ଥା ନାହିଁ। ଭଙ୍ଗାରୁଜା ଖେଳ ସାମଗ୍ରୀରେ ଅସୁରକ୍ଷିତ ଅବସ୍ଥାରେ ପିଲା ଖେଳୁଛନ୍ତି। ଏପରିକି ଭଙ୍ଗା ଘରେ ଶିଶୁଙ୍କୁ ଅସୁରକ୍ଷିତ ଭାବେ ଶିକ୍ଷାଦାନ କରାଯାଉଛି। ବାଂଶପାଳ ବ୍ଲକ୍ ତଳକାଦକଳା ପଞ୍ଚାୟତର ଦୁର୍ଗମ ତିରିବୋ ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରରେ ଏଭଳି ସମସ୍ୟା ଦେଖାଯାଇଛି।

ପ୍ରକାଶ ଯେ, ଜିଲା ମୁଖ୍ୟାଳୟଠାରୁ ପ୍ରାୟ ୭୦ କି.ମି. ଦୂର ଏବଂ ବ୍ଲକ୍ ମୁଖ୍ୟାଳୟଠାରୁ ୩୫ କି.ମି ଦୂରରେ ଥିବା ଏହି କେନ୍ଦ୍ରରେ ତିରିବୋ ସମେତ ଜଡ଼ିପଦା ଓ ବେଗନାଦି ଗ୍ରାମର ୫୦ ଆଦିବାସୀ ପିଲା ପଢୁଛନ୍ତି। ପ୍ରାୟ ସମସ୍ତ ପିଲା ଭୂୟାଁ ଜନଜାତି ସମ୍ପ୍ରଦାୟର। କେନ୍ଦ୍ର ପ୍ରତି ବିଶେଷ ଧ୍ୟାନ ଦିଆଯାଉ ନ ଥିବାରୁ ଅସ୍ୱାସ୍ଥ୍ୟକର ଓ ଅସୁରକ୍ଷିତ ପରିବେଶରେ ପିଲାଙ୍କ ଭାଗ୍ୟ ଗଢ଼ାଯାଉଛି। ଉକ୍ତ କେନ୍ଦ୍ରଟି ପ୍ରାଥମିକ ସ୍କୁଲ ପରିସରରେ ରହିଥିବା ବେଳେ ପାଚେରି କିମ୍ବା ପାଣି ସୁବିଧା ନାହିଁ। ଏଣୁ ଛେଳି, କୁକୁର, ଗୋରୁ ଅବାଧ ପ୍ରବେଶ କରୁଛନ୍ତି। ଛେଳି, କୁକୁଡ଼ା, କୁକୁର ଓ ଗୋରୁଙ୍କ ଗହଣରେ କୁନି କୁନି ପିଲାମାନେ ପଢୁଛନ୍ତି ଏବଂ ଖେଳୁଛନ୍ତି। ପାଖରେ ଏକ ଚିରସ୍ରୋତା ନାଳ ବହିଯାଉଛି। ଏଣୁ ବିପଦପୂର୍ଣ୍ଣ ପରିବେଶରେ ପିଲାମାନେ ପାଠ ପଢୁଛନ୍ତି ଓ ଖେଳୁଛନ୍ତି। ପିଲାଙ୍କ ଖେଳିବା ପାଇଁ ସୁବିଧାନାହିଁ। ଏକମାତ୍ର ଦୋଳି ଭାଙ୍ଗିଯାଇଛି। ଏଣୁ ବିଦ୍ୟାଳୟର ଆବଡ଼ାଖାବଡ଼ା ଖସରା ପାହାଚ ସେମାନଙ୍କ ଖେଳ ସାମଗ୍ରୀ ପାଲଟିଛି। ପିଲାଙ୍କ ସୁରକ୍ଷା ପାଇଁ ଠେଙ୍ଗା ଧରି ଜଗିବାକୁ ପଡୁଛି ବୋଲି ହେଲପର ଫୁଲମଣି ଦେହୁରୀ କହିଛନ୍ତି। ଦିଦି ଆସିଆନ ମୁଣ୍ଡାଙ୍କ ଅନୁପସ୍ଥିତିରେ ଫୁଲମଣି କାମ ଚଳାଇଥାନ୍ତି। ଶିଶୁ ଅଧିକାର କର୍ମୀ ଭକ୍ତବତ୍ସଳ ମହାନ୍ତି କହିଛନ୍ତି, ଏଥିପ୍ରତି ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ କୁନି କୁନି ପିଲାଙ୍କ ଭବିଷ୍ୟତକୁ ସୁରକ୍ଷିତ ଓ ସୁନିଶ୍ଚିତ କରିବା ଜରୁରୀ ହୋଇପଡ଼ିଛି। ଜିଲା ସମାଜ ମଙ୍ଗଳ ଅଧିକାରିଣୀ ମିତା ନାୟକ କହିଛନ୍ତି, ଅଙ୍ଗନୱାଡି କେନ୍ଦ୍ର ପାଇଁ ନୂତନ ଗୃହ ବ୍ୟବସ୍ଥା କରିବା ସହ ପିଲାଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ପଦକ୍ଷେପ ନେବେ।

# ଡିଭାଇଡରରେ ପିଟି ହୋଇ ୩ ବାଇକ୍ ଆରୋହୀ ଗୁରୁତର

ଯୋଡ଼ା,୩।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ୫୨୦ ଜାତୀୟ ରାଜପଥର ଲହଣ୍ଡା ନିକଟ ଆଦର୍ଶ ବିଦ୍ୟାଳୟ ସମ୍ମୁଖ ରାସ୍ତା ଡିଭାଇଡରରେ କ ବାଇକ ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଛି। ବାଇକ୍‌ରେ ବସିଥିବା ୩ ଜଣ ଗୁରୁତର ହୋଇଛନ୍ତି। ସୋମବାର ଅପରାହ୍ନ ପ୍ରାୟ ୪ଟା ୩୦ରେ ଦୁର୍ଘଟଣା ଘଟିଥିବା ବେଳେ ଗୁରୁତରଙ୍କ ପରିଚୟ ମିଳିପାରିନାହିଁ। ସମସ୍ତେ ବନେଇକଳା ଅଞ୍ଚଳର ବୋଲି ଜଣାପଡ଼ିଛି। ସେମାନେ ବିଲେଇପଦାରୁ ଯୋଡ଼ା ଅଭିମୁଖେ ଆସୁଥିବା ବେଳେ ଉକ୍ତ ବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଥିବା ଡିଭାଇଡରରେ ପିଟି ହୋଇ ପଡ଼ି ଯାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସମସ୍ତଙ୍କୁ ଡାକ୍ତରଖାନାକୁ ପଠାଇ ତଦନ୍ତ କରୁଛି।

# ୨୦୨ ଅଭିଯୋଗର ହେଲା ଶୁଣାଣି

ବାରିପଦା,୩।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ସଦରମହକୁମା ବାରିପଦାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ପୂର୍ବାହ୍ନ ୧୦ଟା ୩୦ରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ(ରାଜସ୍ୱ) ବିଭୂତିଭୂଷଣ ନାୟକ ଓ ଏସ୍‌ପି ବରୁଣ ଗୁଣ୍ଟୁପଲ୍ଲୀ ଉପସ୍ଥିତ ରହି ବାରିପଦା ଉପଖଣ୍ଡର ୧୦ଟି ବ୍ଲକ ଏବଂ ସଦରମହକୁମାର ବିଭିନ୍ନ ଅଭିଯୋଗର ଶୁଣାଣି କରିଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଜିଲାମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ପ୍ରଭାତ କୁମାର ବେହେରା ଓ ବାରିପଦା ଉପଜିଲାପାଳ ଡ. ଦୟାସିନ୍ଧୁ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

ଶିବିରରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ବାରିପଦା ଉପଖଣ୍ଡର ସର୍ବମୋଟ ୨୦୨ଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା। ଅଭିଯୋଗଗୁଡ଼ିକ ମଧ୍ୟରେ ମୁଖ୍ୟତଃ ଉପଖଣ୍ଡର ବିଭିନ୍ନ ସ୍ଥାନରେ ଜଳ ଯୋଗାଣ, ଜମି ସୀମାଙ୍କନ, ଜଙ୍ଗଲ ଜମି ପଟ୍ଟା ଆବଣ୍ଟନ ସ୍ୱାସ୍ଥ୍ୟଗତ ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା ଗମନାଗମନ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା, ବାସଗୃହ ସମ୍ବନ୍ଧୀୟ ଆପତ୍ତି ଅଭିଯୋଗ ମାନ ଥିଲା। ୧୭୩ଟି ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ଥିବାବେଳେ ୨୯ଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା।

## ସଂକ୍ଷେପରେ

### ସ୍ଲିପର କାରଖାନାରେ ଶ୍ରମିକ ଗୁରୁତର

ନୀଳଗିରି, ୩।୨ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ଗୋପୀନାଥପୁର ସ୍ଲିପର କାରଖାନାରେ ଅଘଟଣ ଘଟିଛି। ଉକ୍ତ କମ୍ପାନୀରେ କାମ କରୁଥିବା ଶ୍ରମିକ ସୋମବାର ସକାଳେ କାର୍ଯ୍ୟ କରୁଥିବା ବେଳେ ଏକ ମୋଟର ଖସିପଡିଥିଲା। ଶ୍ରମିକଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ନୀଳଗିରି ମେଡିକାଲକୁ ଆଣିଥିବା ବେଳେ ସେଠାରେ ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ପରେ ସେଠାରୁ ଭୁବନେଶ୍ୱରକୁ ନେଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ଗୁରୁତର ଶ୍ରମିକ ହେଲେ ସାରୁପାଳ ଅଞ୍ଚଳର ମନୋରଞ୍ଜନ ବାରିକ ଓରଫ ଦିପୁ। ତାଙ୍କୁ କାରଖାନା କର୍ତ୍ତୃପକ୍ଷ ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଆହତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ଏପରିକି କିଭଳି ଉନ୍ନତମାନର ଚିକିତ୍ସା ପାଇବେ ଏନେଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଏନେଇ ଦିଲ୍ଲୀରୁ ଥାଇ ଆଲୋଚନା କରିଥିବା ସୂଚନା ମିଳିଛି।

### ପାଇପ ଚୋରକୁ ଧରି ପୋଲିସ ଜିମା

ଖଇରା, ୩।୨ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ରଗିଣା ଅଞ୍ଚଳରେ ପାନୀୟ ଜଳ ପ୍ରକଳ୍ପ ପାଇଁ ବିଛାଯାଇଥିବା ଜିଆଇ ପାଇପକୁ କାଟି ଅଟୋରେ ବିକ୍ରି ପାଇଁ ନେଉଥିବା ବେଳେ ସୋମବାର ଗ୍ରାମବାସୀ ଧରି ଖଇରା ପୋଲିସକୁ ହସ୍ତାନ୍ତର କରିଛନ୍ତି। ଧରାପଡିଥିବା ଚୋରଙ୍କ ମଧ୍ୟରେ ଗାଡି ଡ୍ରାଇଭର ରଞ୍ଜନ କୁମାର ସିଂ ଓ ଅନ୍ୟ ବାଂଲାଦେଶୀ ଯୁବକ ରହିଛନ୍ତି। ଚୋରିର ମୁଖ୍ୟ ସୂତ୍ରଧର ରଗିଣା ବାସିନ୍ଦା ହୋଇଥିବା ବେଳେ ସେ ଫେରାର ଅଛି। ବର୍ତ୍ତମାନ ରଗିଣା ଅଞ୍ଚଳରେ ୮୦କୋଟି ଟଙ୍କା ବ୍ୟୟରେ ପାନୀୟଜଳ ପ୍ରକଳ୍ପ କାମ ଚାଲିଥିବା ବେଳେ ଏହି ର୍‍ୟାକେଟ ପ୍ରତ୍ୟେକ ରାତିରେ ଜିଆଇ ପାଇପକୁ କାଟି ଜଣେ ବ୍ୟକ୍ତିଙ୍କ ଘରେ ମହଜୁଦ ରଖି ସୁବିଧା ଅନୁସାରେ ବିକ୍ରି କରିବାକୁ ନେଉଥିଲେ।

### କଣ୍ଟେନରକୁ ପଛପଟୁ ପିଟିଲା ଟ୍ରେଲର ଘନ କୁହୁଡ଼ି ଯୋଗୁ ଦୁର୍ଘଟଣା

ଜଳେଶ୍ୱର, ୩।୨ (ରବିନାରାୟଣ ପାତ୍ର)

୬୦ ନମ୍ବର ଜାତୀୟ ରାଜପଥ ଜଳେଶ୍ୱର ନିକଟରେ ସୋମବାର ଭୋର ସମୟରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ରାତିରେ କୁହୁଡ଼ି ହୋଇଥିବାରୁ ରାସ୍ତା ଠିକ୍ ଭାବେ ଦେଖାଯାଉ ନ ଥିଲା। କଣ୍ଟେନର (ନଂ. ଏଚ୍‌ଆର୍‌୫୫ଏଆର୍‌୧୬୭୦) ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ବେଳେ ଡାଇଭର୍ଶନ ନିକଟରେ ବ୍ରେକ ଦେଇଥିଲା। ପଛରେ ଆସୁଥିବା ଦ୍ରୁତଗାମୀ ଟ୍ରେଲର (ନଂ. ୟୁପି୨୧ବିଏନ୍‌୪୩୮୪) କଣ୍ଟେନରକୁ ପଛରୁ ଧକ୍କା ଦେଇ ନୟନଯୋରିକୁ ଓଲଟି ପଡ଼ିଥିଲା। ଟ୍ରେଲର ସମ୍ମୁଖଭାଗ ସମ୍ପୂର୍ଣ୍ଣ ଚୂର୍‌ମାର ହୋଇଥିବା ବେଳେ ଚାଳକ ଗାଡ଼ି ଭିତରେ ଅଢେଇ ଘଣ୍ଟା ଚାପି ରହିଯାଇଥିଲେ। ଖବରପାଇ ଜଳେଶ୍ୱର ପୋଲିସ, ଅଗ୍ନିଶମ ବାହିନୀ ଉଦ୍ଧାର କରିଥିଲେ। ଗୁରୁତର ଟ୍ରେଲର ଚାଳକଙ୍କୁ ଜିକେଭଟ୍ଟର ହସ୍‌ପିଟାଲକୁ ପଠାଯାଇଛି। ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ଟ୍ରଲର ଚାଳକଙ୍କ ଆଖି ଲାଗିଯାଇଥିବା ଅନୁମାନ କରାଯାଉଛି। ସୂଚନାଯୋଗ୍ୟ ବିଭିନ୍ନ ସ୍ଥାନରେ ଡାଇଭର୍ଶନ ହୋଇଥିବାରୁ ରବିବାର ସେହି ସ୍ଥାନରେ ଅନ୍ୟ ଏକ ଟ୍ରକ ମଧ୍ୟ ଓଲଟି ପଡିଥିଲା।

# ମହାମନ୍ତ୍ର ଶୋଭାଯାତ୍ରାରେ କନ୍ୟା ଘରେ ପହଞ୍ଚିଲେ ବରଯାତ୍ରୀ

## ନିଆରା ବିବାହ

ସିମୁଳିଆ, ୩।୨ (ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମୁରୁଣୀ ପଞ୍ଚାୟତ ଅଧୀନ ବାଲିକଣା ଅଞ୍ଚଳରେ ଏକ ନିଆରା ବିବାହ ସୋମବାର ଅନୁଷ୍ଠିତ ହୋଇଛି। ବାଲେଶ୍ୱର ଜିଲା ଖନ୍ତାପଡ଼ାର କସବା ଜୟପୁର ଅଞ୍ଚଳର ବିଷ୍ଣୁ ପ୍ରଧାନ ସିମୁଳିଆ ବ୍ଲକ ବାଲିକଣା ଅଞ୍ଚଳର ଅଞ୍ଜନା ବେହେରାଙ୍କୁ ବୈଦିକ ରୀତିରେ ବିବାହ କରିଛନ୍ତି। ବରପକ୍ଷର ଶୋଭାଯାତ୍ରା ଝାଞ୍ଜ ଖୋଳ କରତାଳି ସହିତ ହରେକୃଷ୍ଣ ହରେରାମ ମହାମନ୍ତ୍ରରେ କନ୍ୟାଘର ଗ୍ରାମ ପରିକ୍ରମା କରିଥିଲେ। କନ୍ୟାଘର ଗ୍ରାମବାସୀ ହାତଯୋଡ଼ି ବରପକ୍ଷଙ୍କୁ ସ୍ୱାଗତ କରିଥିଲେ। ସାମାଜିକ ରୀତିନୀତି ଅନୁସାରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। କନ୍ୟାପିତା ସୁଶାନ୍ତଙ୍କ ସାନ ଭାଇ ପ୍ରଶାନ୍ତ ଓ ତାଙ୍କ ସ୍ତ୍ରୀ ସାବିତ୍ରୀ କନ୍ୟାଦାନ କରିଥିଲେ। ବିନା ପିଆଜ ରସୁଣ ନିରାମିଷ ଖାଦ୍ୟରେ ବରଯାତ୍ରୀ, ଗ୍ରାମବାସୀ ଓ ଅତିଥିମାନେ ଆପ୍ୟାୟିତ ହୋଇଥିଲେ। ପାନଛେପ ପକାନ୍ତୁ ନାହିଁ, ଯାନବାହନ ଏଠାରେ ରଖନ୍ତୁ, ପ୍ରସାଦ(ଖାଦ୍ୟ) ନଷ୍ଟ କରନ୍ତୁ ନାହିଁ ଏମିତି ବିଭିନ୍ନ ପ୍ରକାର ସ୍ଲୋଗାନ ବିଭିନ୍ନ ସ୍ଥାନରେ ଲେଖାଯାଇଥିଲା। ଏହି ପ୍ରକାର ବିରଳ ବିବାହ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏ ସମ୍ପର୍କରେ କନ୍ୟାପିତା ସୁଶାନ୍ତ କୁହନ୍ତି, ଆମିଷ ଯେଉଁଠି ଅଶାନ୍ତି ସେଇଠି। ତେଣୁ ଶ୍ରୀକୃଷ୍ଣ ଭଗବତ ଚେତନା, ହିନ୍ଦୁ ଧର୍ମ ଅନୁସାରେ ଏହି ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇଛି। ଏପରିକି ଯାନି ଯୌତୁକ ନେବା ପାଇଁ ବରଘର ପକ୍ଷରୁ ବାରଣ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଏହି ପ୍ରକାର ବିବାହ ଉତ୍ସବକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।


ବରକନ୍ୟା ବେଶରେ ବିଷ୍ଣୁ ଓ ଅଞ୍ଜନା।

# ଜନସେବା କେନ୍ଦ୍ରରୁ ଚୋରି ଘଟଣା | ୩ ଅଭିଯୁକ୍ତ ଗିରଫ


ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୂଚନା ଦେଉଛନ୍ତି।

ସିମୁଳିଆ, ୩।୨ (ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ଥାନା ମହମ୍ମଦପୁର ଅଞ୍ଚଳର ଏକ ଜନସେବା କେନ୍ଦ୍ରରୁ ଗତ ଜାନୁଆରୀ ୧୫ରେ ଚୋରି ହେବା ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ବିଭିନ୍ନ ସାମଗ୍ରୀ ଉଦ୍ଧାର କରଯିବା ସହ ଅଧିକ ତଦନ୍ତ ଜାରି ରଖିଛି। ଏ ସମ୍ପର୍କରେ ବାଲେଶ୍ୱର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକ ସୋମବାର ଅପରାହ୍ନରେ ସିମୁଳିଆ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପୂର୍ବରୁ ଅଭିଯୁକ୍ତମାନଙ୍କୁ ସ୍ଥାନୀୟ ଅଞ୍ଚଳରୁ ଧରାଯାଇପାରୁଥିଲା। ତେବେ ବର୍ତ୍ତମାନ ଅଭିଯୁକ୍ତମାନେ ନୂଆ ଉପାୟ ଅବଲମ୍ବନ କରୁଛନ୍ତି। ବାହାର ଅଞ୍ଚଳର ଅଭିଯୁକ୍ତମାନେ ଅପରାଧ ଘଟାଇ ଜାଗା ବଦଳାଇ ଦେଉଥିବାରୁ ଧରିବା ସହଜ ହୋଇପାରୁନାହିଁ। ତଥାପି ସମସ୍ତେ ଧରାପଡ଼ିବେ ଓ ସେମାନଙ୍କ ବିରୋଧରେ ପୂର୍ବରୁ କେସ୍ ଅଛି କି ନାହିଁ ଆଦି ସମ୍ପର୍କରେ ତଦନ୍ତ କରାଯାଉଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି। ଜନସେବା କେନ୍ଦ୍ରରୁ ଚୋରି ମାମଲାରେ ଗିରଫ ୩ ଅଭିଯୁକ୍ତଙ୍କ ମଧ୍ୟରେ ୨ଜଣ ବାଲେଶ୍ୱର ସଦର ଥାନା ଟିଁକିରାପଡ଼ା ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣେ ଚାନ୍ଦିପୁର ମଝିକିଆ ଅଞ୍ଚଳର ବୋଲି ସୂଚନା ମିଳିଛି। ଏହି ଚୋରି ଘଟଣାରେ ଅଧିକ ଅଭିଯୁକ୍ତ ସାମିଲ ଥିବା ସନ୍ଦେହ ହୋଇଛି।

ସୂଚନା ଯେ, ଏହି ଜନସେବା କେନ୍ଦ୍ରରୁ ଲାପଟପ, ପ୍ରିଣ୍ଟର, ଇନଭର୍ଟର, ୱାଇଫାଇ ମେଶିନ ଆଦି ଚୋରି ହୋଇଥିଲା। ତେବେ ପୋଲିସ ଲାପଟପ ସମେତ ବିଭିନ୍ନ ସାମଗ୍ରୀ ଜବତ କରିଥିବା ବେଳେ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇପାରିନାହିଁ। ଇନ୍ସପେକ୍ଟର ସରୋଜ କୁମାର ଦାଶ ଏହି ମାମଲାର ତଦନ୍ତକାରୀ ଅଫିସର ଅଛନ୍ତି। ଏହାର ମାମଲା (ନଂ. ୧୦/୨୫)।

# 'ମହାସାଗର ଓ ବାୟୁମଣ୍ଡଳ ବିଜ୍ଞାନରେ ସାମ୍ପ୍ରତିକ ଧାରା'



ସମ୍ମିଳନୀରେ ପ୍ରଫେସର ଅଧିକାରୀଙ୍କୁ ସମ୍ମାନିତ କରାଯାଉଛି।

## ସରିଲା ଦୁଇଦିନିଆ ଜାତୀୟ ସମ୍ମିଳନୀ

ବାଲେଶ୍ୱର, ୩।୨ (ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟ ବାୟୁମଣ୍ଡଳ ବିଜ୍ଞାନର ପିଜି ବିଭାଗ ଆନୁକୂଲ୍ୟରେ 'ମହାସାଗର ଏବଂ ବାୟୁମଣ୍ଡଳ ବିଜ୍ଞାନରେ ସାମ୍ପ୍ରତିକ ଧାରା' ସମ୍ପର୍କିତ ଦୁଇଦିନିଆ ଜାତୀୟ ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଛି। ଉତ୍ସବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ସମ୍ମିଳନୀର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବାରେ ଜ୍ଞାନ ଆଦାନପ୍ରଦାନ, ସହଯୋଗ ଏବଂ ନବସୃଜନ ପାଇଁ ଏହା ଏକ ପ୍ରମୁଖ ମଞ୍ଚ ବୋଲି କୁଳପତି ବକ୍ତବ୍ୟରେ କହିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସ୍ୱାଗତଭାଷଣ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତି, ସମ୍ମାନିତ ଅତିଥି ଆଇଆଇଟି ଦିଲ୍ଲୀର ପୂର୍ବତନ ପ୍ରଫେସର ଉମାଚରଣ ମହାନ୍ତି, ଭାରତ ସରକାରଙ୍କ ଭୂବିଜ୍ଞାନ ମନ୍ତ୍ରଣାଳୟର ବୈଜ୍ଞାନିକ ଡ. ଜଗବୀର ସିଂହ ଯୋଗଦେଇ ସମ୍ମିଳନୀର ବିଷୟବସ୍ତୁ ସମ୍ପର୍କରେ ମୂଲ୍ୟବାନ ସୂଚନା ଦେଇଥିଲେ। ସମାପନୀ ଅଧିବେଶନରେ ଭାରତ ସରକାରଙ୍କ ଆଇଏମଡି ଡିଜିଏମ୍ ଡ. ମୃତ୍ୟୁଞ୍ଜୟ ମହାପାତ୍ର ଯୋଗଦେଇ ବର୍ତ୍ତମାନର ପରିସ୍ଥିତି, ବାୟୁମଣ୍ଡଳ ଏବଂ ପାଣିପାଗ ପୂର୍ବାନୁମାନ ସମ୍ପର୍କିତ ପ୍ରଯୁକ୍ତିବିଦ୍ୟାର ଗବେଷଣା ଉପରେ ଆଲୋଚନା କରିଥିଲେ। ପାଣିପାଗ ବିଭାଗରେ ଉନ୍ନତ ପୂର୍ବାନୁମାନ ପ୍ରଣାଳୀ, ସରକାରୀ ଯୋଜନା ଏବଂ ପ୍ରକଳ୍ପ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଜଳବାୟୁ ପରିବର୍ତ୍ତନ ଏବଂ ଏହାର ପ୍ରଭାବ, ପାଣିପାଗ ପୂର୍ବାନୁମାନ ପ୍ରଯୁକ୍ତିବିଦ୍ୟାରେ ଅଗ୍ରଗତି (ଏଆଇ ଓ ଏମଏଲ), ସମୁଦ୍ର-ବାୟୁମଣ୍ଡଳ ପାରସ୍ପରିକ କ୍ରିୟା, ପ୍ରଦୂଷଣ, ବାୟୁ ଗୁଣବତ୍ତା ତାପ ସୂଚକାଙ୍କ, ସୁସ୍ଥ ଜୀବନଯାପନ, ଦୂର ସେନ୍ସିଂ ଏବଂ ଜିଆଇଏସ୍ ପ୍ରୟୋଗ, ଭୌତିକ ସମୁଦ୍ର ବିଜ୍ଞାନ ଏବଂ ପର୍ଯ୍ୟବେକ୍ଷଣ ପ୍ରଣାଳୀ ଇତ୍ୟାଦି ପ୍ରମୁଖ ବିଷୟ ଉପରେ ୧୨୮ଜଣ ଅଂଶଗ୍ରହଣକାରୀଙ୍କ ସହିତ ୬ଟି ବୈଷୟିକ ଅଧିବେଶନ ଆୟୋଜନ କରାଯାଇଥିଲା। ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ସମ୍ମିଳନୀର ସଂଯୋଜକ ଡ. ବିବେକାନନ୍ଦ ନାୟକ ଏବଂ ସଙ୍ଗଠନ ସଚିବ ଡ. ସମର କୁମାର ଘୋଷ ଧନ୍ୟବାଦ ଦେଇଥିଲେ।

# 'ଏମିତି ଭୁଲ୍ ଆଉ କେବେ ହେବନି' ପରିବେଷିତ

କାଳିପଦା, ୩।୨ (ରାଜଶ୍ରୀ ପାଣିଗ୍ରାହୀ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ବଡ଼ାପାଳସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ 'ଏମିତି ଭୁଲ ଆଉ କେବେ ହେବନି' ପରିବେଷିତ ହୋଇଯାଇଛି। ନାଟ୍ୟ ନିର୍ଦ୍ଦେଶନା ଓ ପରିଚାଳନା ବିଦ୍ୟାଳୟର ଶିକ୍ଷକ ରଘୁନାଥ ଗଙ୍ଗେଇ କରିଥିଲେ। ପିଲାମାନଙ୍କର ଅଭିନୟ ବେଶ ଚିତ୍ତାକର୍ଷକ ହୋଇଥିଲା। ପିଲାଙ୍କ ମଧ୍ୟରେ ଲୁକ୍କାୟିତ ହୋଇରହିଥିବା କଳା ଓ ପ୍ରତିଭାକୁ ପ୍ରଦର୍ଶନ କରିବା ପାଇଁ ପ୍ରତ୍ୟେକ ବର୍ଷ ବାର୍ଷିକ ଉତ୍ସବ ଏବଂ ସରସ୍ୱତୀ ପୂଜାରେ ନାଟକ ପରିବେଷଣ କରାଯାଏ ବୋଲି ପ୍ରଧାନ ଶିକ୍ଷକ ଗଣେଶ କିଙ୍କର ଆଚାର୍ଯ୍ୟ କହିଛନ୍ତି। ନାଟକ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଚାଲିଥିବା ବେଳେ ଦେଖିବା ପାଇଁ ପ୍ରବଳ ଗହଳି ହୋଇଥିଲା। ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକ, ପରିଚାଳନା ସମିତି, ଗ୍ରାମବାସୀ ଏହାକୁ ପରିଚାଳନା କରିଥିଲେ।

# ଯୁବକଙ୍କୁ ଭୁଜାଲି ଆକ୍ରମଣ ଘଟଣାରେ ଜଣେ ଗିରଫ

ସୋର, ୩।୨ (ଜନ୍ମେଜୟ ମିଶ୍ର): ସୋର ଥାନା ଫଟା ଅର୍ଜୁନ ଛକରେ ଶନିବାର ରାତିରେ ଜଣେ ଯୁବକଙ୍କୁ ଭୁଜାଲିରେ ଆକ୍ରମଣ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଶନିବାର ରାତିରେ ଏହି ଛକରେ ତରତୁଆ ଗ୍ରାମର ରାଜେନ୍ଦ୍ର ମଳିକ ଉକ୍ତ ଛକକୁ ସଉଦା କିଣିବାକୁ ଆସିଥିବା ବେଳେ ତାଙ୍କୁ ନିମ୍ନଗଡିଆ ଓ ତରତୁଆ ଗ୍ରାମର ୫ଜଣ ଯୁବକ କୌଣସି କଥାକୁ କେନ୍ଦ୍ରକରି ତାଙ୍କ ଜାତି ଉଠାଇ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ରାଜେନ୍ଦ୍ର ଏହାକୁ ବିରୋଧ କରିବାରୁ ଉକ୍ତ ଯୁବକମାନେ ତାଙ୍କୁ ଭୁଜାଲିରେ ଆକ୍ରମଣ କରିବା ସହିତ ବନ୍ଧୁକ ଦେଖାଇ ଭୟଭୀତ କରୁଥିଲେ। ଏହି ସମୟରେ ତରତୁଆ ଗ୍ରାମର ଭାଗବତ ନାୟକ ଉଭୟ ପକ୍ଷଙ୍କୁ ବୁଝାଶୁଝା କରୁଥିବା ବେଳେ ଜଣେ ଯୁବକ ହଠାତ୍ ଭାଗବତଙ୍କ ପେଟକୁ ଭୁଜାଲିରେ ଆକ୍ରମଣ କରିଥିଲେ। ଭାଗବତ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିବା ପରେ ସେଠାରୁ ବାଲେଶ୍ୱର ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଛି। ଏନେଇ ରବିବାର ସୋର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ. ୧୦୪/୨୫ ) ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରୁଛି। ସୋମବାର ଥାନାରେ ଅଟକ ଥିବା ତରତୁଆ ଗ୍ରାମର ବସନ୍ତ କୁମାର ଧଳ(୪୦)ଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

# ୬ଷ୍ଠ କୋଶମ୍ବ ମେଳା ଉଦ୍‌ଘାଟିତ



ରେମୁଣା, ୩।୨ (ରବୀନ୍ଦ୍ର ମହାକୁଡ଼)

ବାଲେଶ୍ୱର ଜିଲା ରେମୁଣା ଗୋଲେଇଠାରେ ନୂଆ ବାଲେଶ୍ୱର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ରବିବାର ୬ଷ୍ଠ ବାର୍ଷିକ କୋଶମ୍ବ ମେଳା ଉଦ୍‌ଘାଟିତ ହୋଇଯାଇଛି। କୋଶମ୍ବ ରାଜା ଭାବେ ଖ୍ୟାତ ବରିଷ୍ଠ ଖବରଦାତା ଦେବବ୍ରତ ପାଣିଗ୍ରାହୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପରିଷଦ ସଭାପତି ଭଗବାନ ଦାସ ଖଣ୍ଡେଲୱାଲ ଉତ୍ସବରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଶୁଭମସାଇ ମହାପାତ୍ର, ବିକାଶ କୁମାର ପାଢ଼ି, ପରିବେଶପ୍ରେମୀ ସୁମନ୍ତ କୁମାର ଜେନା, ଡ. ମନ୍ମଥ ମିଶ୍ର ପ୍ରମୁଖ ମଞ୍ଚାସୀନ ହୋଇ କୋଶମ୍ବ ମେଳା ସମଗ୍ର ଜିଲାର ସଂସ୍କୃତି, ଐତିହ୍ୟର ଗୁରୁତ୍ୱ ବହନ କରୁଛି ବୋଲି ବକ୍ତବ୍ୟରେ କହିଥିଲେ। ପରିଷଦ ସମ୍ପାଦକ ଶିଳ୍ପୀ କେଶୁ ଦାସ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ନମିତା ମହାପାତ୍ର ମଞ୍ଚ ଆହ୍ୱାନ, ସୋନୁ ଖଣ୍ଡେଲୱାଲ ମଞ୍ଚ ପରିଚାଳନା କରିଥିଲେ। ଇଂ. ଗୋପାଳ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

# 'ପୁସ୍ତକ ମଣିଷର ଜ୍ଞାନ ଓ ସଂସ୍କାର ସଞ୍ଚାର କରେ'

## ପାଠକଙ୍କ ମନ ଜିଣୁଛି 'ଧରିତ୍ରୀ' ବିଶେଷାଙ୍କ

ବାଲେଶ୍ୱର, ୩।୨ (ବାଞ୍ଛାନିଧି ଦେ)

ବାଲେଶ୍ୱର ଆଇଟିଆଇ ପଡ଼ିଆରେ ଆୟୋଜିତ 'ଉତ୍ସବ ଉତ୍ତର ଓଡ଼ିଶା' ମେଳାରେ 'ଧରିତ୍ରୀ' ପକ୍ଷରୁ ଷ୍ଟଲ୍‌ରେ ପାଠିକାପାଠକଙ୍କ ଭିଡ଼ ଜମୁଛି। ସୋମବାର ଚତୁର୍ଥ ସନ୍ଧ୍ୟାରେ 'ଧରିତ୍ରୀ' ବିଶେଷାଙ୍କ ଯୁବପିଢ଼ି, ଛାତ୍ରୀଛାତ୍ରଙ୍କ ମନ ଜିଣୁଥିବା ପରିଲକ୍ଷିତ ହୋଇଛି। ପାଠକମାନେ 'ଅକଳରେ ଅର୍ଥନୀତି' ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ଗୁଗୁଲ ଯୁଗରେ ଆଜିର ଯୁବ ପିଢ଼ି ଧୀରେ ଧୀରେ ପୁସ୍ତକର ପ୍ରାଧାନ୍ୟତାକୁ ଭୁଲି ଗଲେଣି। ତେଣୁ ପୁସ୍ତକର ପ୍ରାସଙ୍ଗିକତାକୁ ଅଗ୍ରାହ୍ୟ କରି ଯୁବପିଢ଼ି ଜ୍ଞାନ ଆହରଣ କରିବା ଉଦ୍ଦେଶ୍ୟରେ 'ଧରିତ୍ରୀ' ପକ୍ଷରୁ ଏହି ଷ୍ଟଲ୍ ଖୋଲାଯାଇଛି।


ଷ୍ଟେଶନ ସୁପରିଣ୍ଟେଣ୍ଡେଣ୍ଟ ଓଡ଼ିଶାପୋଷ୍ଟ ନେଉଛନ୍ତି।

ବାଲେଶ୍ୱର ରେଳ ଷ୍ଟେଶନ ସୁପରିଣ୍ଟେଣ୍ଡେଣ୍ଟ (କମର୍ସିଆଲ) ନରୋତ୍ତମ ବେହୁରା, ସ୍ତ୍ରୀ ତରଙ୍ଗଲତାଙ୍କ ସହ ଷ୍ଟଲ ପରିଦର୍ଶନ କରିଥିଲେ। ପୁସ୍ତକ ମଣିଷର ପ୍ରକୃତ ବନ୍ଧୁ। ପୁସ୍ତକ ମଣିଷ ମଧ୍ୟରେ ଜ୍ଞାନ ଓ ସଂସ୍କାର ସଞ୍ଚାର କରିଥାଏ। ପାଠକଙ୍କ ସଂଖ୍ୟା ବଢ଼ିଲେ ପ୍ରକାଶକ ନୂଆ ନୂଆ ବହି ପ୍ରକାଶ କରିବା ପାଇଁ ଆଗ୍ରହ ପ୍ରକାଶ କରିବେ ବୋଲି ସେ ମତାମତ ଦେଇଥିଲେ। ଏଥିସହ ସେ ଆଗ୍ରହର ସହ 'ଓଡ଼ିଶାପୋଷ୍ଟ' ଓ ତାଙ୍କ ସ୍ତ୍ରୀ 'ଧରିତ୍ରୀ' ଖବରକାଗଜ ନେଇଥିଲେ। ପ୍ରସାରଣ ବିଭାଗର ଦୀପ୍ତି ରଞ୍ଜନ ପ୍ରଧାନ, ସହାୟକ ଯୋଗେନ୍ଦ୍ର ମାଇତି ଓ ସହାୟିକା ନମିତା ମହାଳିକ ଷ୍ଟଲ୍ ପରିଚାଳନା କରୁଛନ୍ତି।

# ଶ୍ରୀପଞ୍ଚମୀରେ ହେଲା ରଥକାଠ ଅନୁକୂଳ



ବାରିପଦା, ୩।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପବିତ୍ର ଶ୍ରୀପଞ୍ଚମୀରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ସ୍ଥିତ ଶ୍ରୀ ଶ୍ରୀ ହରିବଳଦେବଜୀଉ ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ରଥକାଠ ଅନୁକୂଳ କରାଯାଇଛି। ଦିବସ ବ୍ୟାପି ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ସର୍ବତ୍ର ପୂଜାର୍ଚ୍ଚନା ଚାଲିଥିବା ବେଳେ ରୀତିନୀତି ଅନୁଯାୟୀ ଶୁଭ ମୁହୂର୍ତ୍ତରେ ରଥ ମହାରଣାଙ୍କ ସମେତ ଅନ୍ୟାନ୍ୟ ସେବାୟତମାନେ ରଥକାଠ ଅନୁକୂଳ ପାଇଁ ଜଙ୍ଗଲକୁ ଯାଇଥିଲେ। ବନ ବିଭାଗ ପକ୍ଷରୁ ମିଳିଥିବା ଅନୁମତି ଅନୁସାରେ ବାରିପଦା ସହର ନିକଟସ୍ଥ ଜ୍ୟୋତିପୁର ସଂରକ୍ଷିତ ଜଙ୍ଗଲରେ ସେବାୟତ ଓ ପୂଜକଙ୍କ ଦ୍ୱାରା ଗଛ ଚିହ୍ନଟ ପରେ ଉକ୍ତ ଗଛକୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରଥକାଠ ଭାବରେ ସଂଗ୍ରହ କରାଯାଇଥିଲା। ଚଳିତ ବର୍ଷ ଏହି କାଠକୁ ରଥର ଅଠର ନାହାକା କାର୍ଯ୍ୟରେ ଲଗାଯିବ ବୋଲି ରଥ ମହାପାତ୍ର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।

# ବାବା ଆଖଣ୍ଡଳେଶ୍ୱରଙ୍କ ବାର୍ଷିକ ଅଭିଷେକ ପୂଜା


ଆଖଣ୍ଡଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଯଜ୍ଞ।

ଖଇରା, ୩।୨ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବଜାରସ୍ଥିତ ବାବା ଅଖଣ୍ଡଳେଶ୍ୱରଙ୍କ ବାର୍ଷିକ ଅଭିଷେକ ପୂଜା ସୋମବାର ଦିବସ ବ୍ୟାପୀ ଯଜ୍ଞ ଓ ଭଜନ କୀର୍ତ୍ତନ ପରିବେଷଣ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ୧୬ରୁ ଅଧିକ ବ୍ରାହ୍ମଣଙ୍କ ଦ୍ୱାରା ଆଖଣ୍ଡଳେଶ୍ୱରଙ୍କ ପୂଜାର୍ଚ୍ଚନା ଓ ଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା। ନନ୍ଦ କୁମାର ପାଣି, ଯୋଗେଶ ଶତପଥି, ମିହିର କୁମାର ନାୟକ, ପଦ୍ମଲୋଚନ ମହାପାତ୍ର, ବିକ୍ରମ କୁମାର ମହାନ୍ତି ପ୍ରମୁଖଙ୍କ ଦ୍ୱାରା କୋଚିଆକୋଇଲି ନଦୀରୁ କଳସ ଅଣାଯାଇଥିଲା। ଖଇରା ଥାନା ଅଧିକାରିଣୀ ମୌସୁମୀ ମହାନ୍ତି, ତ୍ରୟଲୋକ୍ୟ ଲେଙ୍କା, ଜଗତନାଥ ମହାନ୍ତି, ପିତାମ୍ବର ନାୟକ, ପିୟୁଷ ଶତପଥି, ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଯଜ୍ଞକର୍ମ ପରିଚାଳନାରେ ସହଯୋଗ କରିଥିଲେ।

# ଇଚ୍ଛାଶକ୍ତି ଜାଗ୍ରତ କରିବାକୁ ଆହ୍ୱାନ

ବାହାନଗା, ୩।୨ (ଅରୂପ୍ କୁମାର ଦାସ)

ବାହାନଗା ବ୍ଲକ ପଣ୍ଡାଶୁଣି ପଞ୍ଚାୟତର ବାରିଙ୍ଗିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ଏକ ସାଧାରଣ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ସିଂ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏବିଇଓ ରୋହିଆ ଟୁଡୁ ଯୋଗଦେଇ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରୀଛାତ୍ରମାନଙ୍କର ଇଚ୍ଛାଶକ୍ତି ଜାଗ୍ରତ କଲେ ଉତ୍ତମ ମଣିଷ ତିଆରି କାରଖାନା ଗଢିଉଠିବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଚେତନା ସାହିତ୍ୟ ସଂସଦର ସମ୍ପାଦକ କବି ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ କୁମାର ବିଶ୍ୱାଳ, ସିଆରସିସି କାମାକ୍ଷା ପ୍ରସାଦ ଦାଶ, ବିଦ୍ୟାଳୟର ପରିଚାଳନା କମିଟି ସଭାପତି ତପନ କୁମାର ଦଲେଇ, ପୂର୍ବତନ ଛାତ୍ର ସଂସଦର ସଭାପତି ମୁକ୍ତିକାନ୍ତ ସାହୁ, ଅବସରପ୍ରାପ୍ତ ପ୍ରାଧାନଶିକ୍ଷୟିତ୍ରୀ ମଞ୍ଜୁସ୍ୱିନୀ ରାଉତ, ବିଦ୍ୟାଳୟର ପୂର୍ବତନ ସଭାପତି ବାପି ପଣ୍ଡା, ସରପଞ୍ଚ ପରିକ୍ଷିତ ମାଝୀ, ସମିତିସଭ୍ୟ ରାଜଶ୍ରୀ ମଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ଯଦୁନାଥ ପରିଡା ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସାଇକ୍ରିଷ୍ଣା ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଚଳିତବର୍ଷ ୮ମ ଶ୍ରେଣୀ ପରିକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର ଓ ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା।



# ଉଦ୍ଧାର ବନ୍ୟପ୍ରାଣୀଙ୍କ ଚିକିତ୍ସାରେ ଅବହେଳା

## ପ୍ରାଣୀ ଚିକିତ୍ସକ ଅଭାବ

ବାରିପଦା,୩।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପ୍ରାଣୀ ଚିକିତ୍ସକ ଅଭାବରୁ ମୟୂରଭଞ୍ଜ ଜିଲାରେ ଉଦ୍ଧାର ହୋଇଥିବା ବନ୍ୟପ୍ରାଣୀଙ୍କୁ ଚିକିତ୍ସା ପାଇଁ ଅନ୍ୟତ୍ର ପଠାଯାଉଛି। ଏନେଇ ପ୍ରାଣୀପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଉଦ୍ଧାର ବନ୍ୟଜନ୍ତୁଙ୍କ ଚିକିତ୍ସା ସହିତ ଲାଳନପାଳନ ପାଇଁ ପିଠାବଟା ରେଞ୍ଜ ଅଞ୍ଚଳରେ ୱାଇଲ୍ଡ ଲାଇଫ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଟିଆଇ) ସଂସ୍ଥା ମାଧ୍ୟମରେ ବ୍ୟବସ୍ଥା କରାଯାଇଛି। ମାତ୍ର ସଂସ୍ଥାରେ ଚିକିତ୍ସକ ପଦବୀ ଖାଲି ପଡ଼ିଥିବାରୁ ଉଦ୍ଧାର ବନ୍ୟଜନ୍ତୁଙ୍କୁ ଚିକିତ୍ସା ପାଇଁ ନନ୍ଦନକାନନ କିମ୍ବା ଅନ୍ୟତ୍ର ପଠାଯାଉଛି। ଫଳରେ ବନ୍ୟଜନ୍ତୁଙ୍କ ନିମନ୍ତେ ଉଦ୍ଦିଷ୍ଟ ଯୋଜନା ସଫଳ ରୂପାୟନ ହେବାରେ ପ୍ରତିବନ୍ଧକ ସାଜିଛି।

ଶିମିଳିପାଳ ଅଭୟାରଣ୍ୟ ତଥା ସଂରକ୍ଷିତ ଜଙ୍ଗଲରୁ ଉଦ୍ଧାର ଜୀବଜନ୍ତୁଙ୍କ ଚିକିତ୍ସାରେ ଅବହେଳା କରାଯାଉଥିବା ଅଭିଯୋଗ ହେଉଛି। ଜଙ୍ଗଲରୁ ଉଦ୍ଧାର ବନ୍ୟ ଜୀବଜନ୍ତୁଙ୍କ ଉତ୍ତମ ଚିକିତ୍ସା ଓ ଲାଳନ ପାଳନ ନିମନ୍ତେ ରାଜ୍ୟ ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ୱାଇଲ୍ଡ ଲାଇଫ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଟିଆଇ) ବିଭାଗ ସହିତ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇ ଦୀର୍ଘ ବର୍ଷ ଧରି କାର୍ଯ୍ୟ ଜାରି ରହିଛି। ଏହି ସଂସ୍ଥା ମାଧ୍ୟମରେ ଉଦ୍ଧାର ବନ୍ୟଜନ୍ତୁଙ୍କୁ ଚିକିତ୍ସା ଯୋଗାଇବା ପାଇଁ ଜଣେ ପ୍ରାଣୀ ଚିକିତ୍ସକ ଓ ଜଣେ କେୟାର ଟେକରଙ୍କୁ ନିୟୋଜିତ କରାଯାଇଛି। ସଂସ୍ଥାର କର୍ମଚାରୀ ଉଦ୍ଧାର ବନ୍ୟଜନ୍ତୁଙ୍କ ଖାଇବା, ପିଇବାଠାରୁ ଆରମ୍ଭ କରି ଔଷଧ ସେବନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ କରିଥାନ୍ତି। ମାତ୍ର ଦୀର୍ଘ ୭ ମାସରୁ ଊର୍ଦ୍ଧ୍ୱ ହେବ ଚିକିତ୍ସକ ପଦବୀ ଖାଲି ପଡ଼ିଥିବାରୁ ଏହି ସେବା ବନ୍ଦ ପଡ଼ିଛି। ଏପରିକି ଶିମିଳିପାଳ ଅଭୟାରଣ୍ୟରୁ ବାଟବଣା ବନ୍ୟଜନ୍ତୁ ଉଦ୍ଧାର ପରେ ବନ ବିଭାଗ ଚିକିତ୍ସା ଓ ଲାଳନପାଳନ ପାଇଁ ନନ୍ଦନକାନନକୁ ପଠାଉଥିବା ଦେଖିବାକୁ ମିଳିଛି। ଗତ ୨୯ ତାରିଖରେ ୧୮ନଂ. ଜାତୀୟ ରାଜପଥର ମଞ୍ଚବନ୍ଧା ଅଞ୍ଚଳରୁ ୧୧ଟି ଶୁଆ ଶାବକ ଉଦ୍ଧାର କରାଯାଇଥଲା। ସେହି ଶୁଆଗୁଡ଼ିକୁ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ପିଠାବଟା ରେଞ୍ଜ କାର୍ଯ୍ୟାଳୟରେ ବନ ବିଭାଗ ପକ୍ଷରୁ ଚିକିତ୍ସା କରାଯାଉଛି। ଫଳରେ ଜଙ୍ଗଲ ସୁରକ୍ଷାରେ ନିୟୋଜିତ ଥିବା କର୍ମଚାରୀମାନେ ପ୍ରାଣୀ ଚିକିତ୍ସାରେ ନିୟୋଜିତ ରହୁଛନ୍ତି। ସେହିପରି ଜାନୁଆରୀ ୨୩ରେ ବାରିପଦା ବନଖଣ୍ଡ ଦେଉଳି ରେଞ୍ଜ କୁଳିଅଣା ସେକ୍ସନ କନିଆଁଲୁକା ଅଞ୍ଚଳରୁ ଏକ ବିଲୁପ୍ତପ୍ରାୟ ପ୍ରଜାତିର ଫିସିଂ କ୍ୟାଟ୍ ଉଦ୍ଧାର କରାଯାଇଥିଲା। ଚିକିତ୍ସା ପାଇଁ ତାକୁ ମଧ୍ୟ ନନ୍ଦନକାନନ ପଠାଯାଇଥିଲା। ତେବେ ଶିମିଳିପାଳ ତଥା ଆଖପାଖ ସଂରକ୍ଷିତ ଜଙ୍ଗଲରୁ ଉଦ୍ଧାର ହେଉଥିବା ସିଡ୍ୟୁଲ୍ଡ-୧ ପ୍ରଜାତିର ପ୍ରାଣୀମାନଙ୍କ ଚିକିତ୍ସାକୁ ନେଇ କୌଣସି ସୁବିଧା ନ ଥିବାରୁ ବନ୍ୟଜନ୍ତୁ ଚିକିତ୍ସିତ ହୋଇ ପାରୁ ନ ଥିବା ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ରାଜ୍ୟ ବନ ଉନ୍ନୟନ ନିଗମର ସ୍ୱାଧୀନ ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି।

ଏ ସଂକ୍ରାନ୍ତରେ ବାରିପଦା ବନଖଣ୍ଡ ଅଧିକାରୀ ଏ.ଉମା ମହେଶଙ୍କୁ ପଚାରିବାରୁ ସମ୍ପୃକ୍ତ ସଂସ୍ଥାରେ ପ୍ରାଣୀ ଚିକିତ୍ସକ ନ ଥିବାରୁ ଉଦ୍ଧାର ପ୍ରାଣୀମାନଙ୍କୁ ନନ୍ଦନକାନନ ପଠାଇବାକୁ ପଡୁଛି ବୋଲି କହିଛନ୍ତି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା କୁହନ୍ତି, ଶିମିଳିପାଳ ଟାଇଗର ରିଜର୍ଭ ଅଞ୍ଚଳରୁ ଉଦ୍ଧାର ହେଉଥିବା ବନ୍ୟଜନ୍ତୁଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପ୍ରାଣୀ ଚିକିତ୍ସକମାନେ ଠିକ୍ ଭାବେ ଚିକିତ୍ସା କରୁଛନ୍ତି। ମାତ୍ର ଡବ୍ଲ୍ୟୁଟିଆଇ ସଂସ୍ଥାରେ ଚିକିତ୍ସକ ନ ଥିବାରୁ ଅନ୍ୟ ବନଖଣ୍ଡ ଅଞ୍ଚଳରୁ ଉଦ୍ଧାର ହେଉଥିବା ବନ୍ୟଜନ୍ତୁଙ୍କ ଚିକିତ୍ସାରେ ଅସୁବିଧା ପରିଲକ୍ଷିତ ହେଉଛି।

## ୩ ବାଜପକ୍ଷୀ ଶାବକ ଉଦ୍ଧାର


ଉଦ୍ଧାର ବାଜପକ୍ଷୀ ଶାବକ।

ବାରିପଦା,୩।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଅଧୀନ ପିଆର୍‌ଏମ୍ ମେଡିକାଲ ପରିସରରୁ ବନ ବିଭାଗ ରବିବାର ବିଲୁପ୍ତପ୍ରାୟ (ସିଡ୍ୟୁଲ୍ଡ-୧)ପ୍ରଜାତିର ୩ଟି ବାଜପକ୍ଷୀ ଶାବକ ଉଦ୍ଧାର କରିଛି। ଏହି ପକ୍ଷୀ ଶାବକଗୁଡ଼ିକୁ ଚିକିତ୍ସା ନିମନ୍ତେ ନନ୍ଦନକାନନ ପଠାଯାଇଛି। ମେଡିକାଲ ପରିସରରେ ଥିବା ଏକ ବରଗଛ ତଳକୁ ଏହି ବାଜପକ୍ଷୀ ଶାବକ ତିନୋଟି ଖସି ପଡ଼ିଥିଲେ। ଏନେଇ ଡାକ୍ତରଖାନା କର୍ମଚାରୀ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗର ଉଦ୍ଧାରକାରୀ ଟିମ୍ ପହଞ୍ଚି ପକ୍ଷୀ ଶାବକଙ୍କୁ ଉଦ୍ଧାର କରିଥିଲା।

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

## କାର୍ ଧକ୍କାରେ ଯୁବକଙ୍କ ମୃତ୍ୟୁ, ଅନ୍ୟ ଜଣେ ଗୁରୁତର


ରାସ୍ତାରୋକୋ କରିଥିବା ଗ୍ରାମବାସୀଙ୍କୁ ପୋଲିସ ବୁଝାଶୁଝା କରୁଛି।

ମୋରଡ଼ା,୩।୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ କୁଜିଡ଼ିହି-ବାରମାଇଲ୍ ମୁଖ୍ୟ ରାସ୍ତାର ବଡ଼ବିଲା-ମୋହନପୁର ଛକ ମଧ୍ୟରେ ରବିବାର ସନ୍ଧ୍ୟା ୭ଟା ୧୫ମିନିଟ ସମୟରେ ଏକ କାର୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ମୃତକ ହେଲେ ବଡ଼ବିଲା ଗ୍ରାମର ଭାଗେଗୋବର୍ଦ୍ଧନ ଟୁଙ୍ଗ(୩୫)। ଗୁରୁତର ମୋହନପୁର ଗ୍ରାମର ଲସ ଟୁଡୁଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଗ୍ରାମବାସୀ ସୋମବାର ସକାଳ ୬ଟାଠାରୁ ମଧ୍ୟାହ୍ନ ୧୨ଟା ୩୦ ମିନିଟ ପର୍ଯ୍ୟନ୍ତ କୁଜିଡ଼ିହି-ବାରମାଇଲ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଖବରପାଇ ମୋରଡା ବିଡିଓ ଅଣାକର ନାଏକ, ଥାନା ଅଧିକାରୀ ସତ୍ୟନାରାୟଣ ବଳ ଏବଂ ଦାନ୍ତିଆମୁହାଁ ସମିତି ସଭ୍ୟ ସୁକୁଲ ମୁର୍ମୁ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ସୂଚନା ଅନୁଯାୟୀ, ଭାଗେଗୋବର୍ଦ୍ଧନ ମୋହନପୁର ଗ୍ରାମର ଗୋବିନ୍ଦ ସୋରେନଙ୍କ ସହିତ ରାସ୍ତା କଡ଼ରେ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ଏକ କାର୍ ଦ୍ରୁତଗତିରେ ଆସି ଭାଗେଗୋବର୍ଦ୍ଧନଙ୍କୁ ଧକ୍କା ଦେବା ଫଳରେ ସେ ଛିଟିକି ପଡ଼ିଥିଲେ। ଗୋବିନ୍ଦ ନିଜ ଜୀବନ ବଞ୍ଚାଇବାକୁ ଯାଇ ରାସ୍ତାର ଅନ୍ୟ ପାର୍ଶ୍ୱକୁ ଡିଆଁ ମାରିଥିଲେ। ଉକ୍ତ କାର୍‌ଟି ଭାଗେଗୋବର୍ଦ୍ଧନଙ୍କୁ ଧକ୍କା ଦେବା ପରେ ୪୦ ଫୁଟ ଦୂରରେ ଥିବା ସେହି ଗ୍ରାମର ଲସ ଟୁଡୁଙ୍କୁ ମଧ୍ୟ ଧକ୍କା ଦେବାରୁ ସେ ଗୁରୁତର ହୋଇଥିଲେ। ଖବରପାଇ ରାତି ୯ଟା ସମୟରେ ଚିତ୍ରଡ଼ା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଭାଗେଗୋବର୍ଦ୍ଧନଙ୍କୁ ବାରମାଇଲସ୍ଥିତ କିଷାନଡାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ୧୦୮ ଆମ୍ବୁଲାନ୍ସ ଯୋଗେ ଗୁରୁତର ଲସଙ୍କୁ ପ୍ରଥମେ କିଷାନଡାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣା ଘଟାଇଥିବା କାର୍ ଘଟଣାସ୍ଥଳରୁ ପଳାଇ ଯାଇଥିବା ସୂଚନା ମିଳିଛି।

# ସ୍ମୃତିଚାରଣ ସଭା

ଉଦଳା,୩।୨(ସନ୍ତୋଷ କୁମାର ବାଛିନୀ) – ଉଦଳା ହାଇସ୍କୁଲ ଛକସ୍ଥିତ ଅତୁଲ ବାବୁଙ୍କ ଯାତ୍ରା ପଡ଼ିଆରେ ସୋମବାର ପୂର୍ବାହ୍ନ ୧୧ଟା ସମୟରେ ସାମାଜିକ କର୍ମୀ ସ୍ୱର୍ଗତ ସରୋଜ ସାମଲଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିଚାରଣ ସଭା ଆୟୋଜିତ ହୋଇଯାଇଛି। ଆମ ଦୁର୍ଗାପୂଜା କମିଟି, ଓଁ ସାଇ ରଙ୍ଗମଞ୍ଚ, ମା' କୁଟାଶୁଣି ରଙ୍ଗମଞ୍ଚ ପକ୍ଷରୁ ଆୟୋଜିତ ଏହି ସ୍ମୃତିସଭାରେ ପୂର୍ବତନ ବିଧାୟକ ତଥା ଦୁର୍ଗାପୂଜା କମିଟିର ସଭାପତି ଶ୍ରୀନାଥ ସୋରେନ ସଭାପତିତ୍ୱ କରିଥିଲେ। ସଭାରେ ଏନ୍‌ଏସି ଉପାଧ୍ୟକ୍ଷା ଲିଲି ଭୋଳ, କ୍ରୀଡ଼ାବିତ ଅମୀୟ କୁମାର ବଳ, ଅଧ୍ୟାପକ ସୌମେନ୍ଦ୍ର ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ବାରିକ, ବିଜୟ ପଣ୍ଡା, ବିଜନ ନାୟକ, ଅଜୟ ସେଠି, ହରେକୃଷ୍ଣ ମହାନ୍ତି, କାରୁହରି ମୁର୍ମୁ, ସୁଦର୍ଶନ ଦାସ, ମହେନ୍ଦ୍ର ସାହୁ, ଆଶିଷ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ସ୍ୱର୍ଗତ ସାମଲ ଘରୋଇ ବସ ମାଲିକ ସଂଘ, ମଟର ଯାନ ମାଲିକ ସଂଘ, ସରସ୍ୱତୀ ମେଳା କମିଟି, ଉଦଳା ଧୁମୁସା ମହୋତ୍ସବ, ଖଣ୍ଡିହୁଡି ତାରିଣୀ ପୀଠ ଟ୍ରଷ୍ଟ ବୋର୍ଡର ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ଏହା ବ୍ୟତୀତ ଉଦଳା ବ୍ଲକ ଅଧୀନରେ ଥିବା ନିଜ ଗ୍ରାମ ଦୁଗୁଧାରେ ହାଇସ୍କୁଲ ପ୍ରତିଷ୍ଠା, ଆରଡିଏସ ମହାବିଦ୍ୟାଳୟ ପ୍ରତିଷ୍ଠା କରିବାରେ ତାଙ୍କର ଅବଦାନ ଅତୁଳନୀୟ ଥିଲା ବୋଲି ବକ୍ତାମାନେ କହିଥିଲେ। ତାଙ୍କର ପରଲୋକରେ କପ୍ତିପଦା ଉପଖଣ୍ଡ ଜଣେ ଶୃଙ୍ଖଳିତ ସାମାଜିକ କର୍ମୀ ଓ ପରୋପକାରୀ ମଣିଷଙ୍କୁ ହରାଇଥିବା ପୂର୍ବତନ ବିଧାୟକ ସୋରେନ କହିଥିଲେ।

# ଟୋଲ୍‌ପ୍ଲାଜା କର୍ମଚାରୀଙ୍କୁ ଦକ୍ଷତା ବୃଦ୍ଧି ତାଲିମ

ଝାରପୋଖରିଆ,୩।୨(ସୁଧିର କୁମାର ମହାନ୍ତ)


ତାଲିମ ଗ୍ରହଣ କରୁଥିବା ଶିବିରାର୍ଥୀ।

ଜାତୀୟ ରାଜମାର୍ଗ ପ୍ରାଧିକରଣଙ୍କ ପକ୍ଷରୁ ଝାରପୋଖରିଆ ଉପକଣ୍ଠରେ ଥିବା ୪୯ନଂ. ଜାତୀୟ ରାଜପଥର ଟୋଲପ୍ଲାଜାରେ ଦୁଇଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ଚାଲୁରହିଛି। ପ୍ରଥମ ପର୍ଯ୍ୟାୟ ତାଲିମ ଶିବିର ଗତ ଡିସେମ୍ବର ୩୦ ତାରିଖରୁ ଜାନୁଆରୀ ୧ ତାରିଖ ପର୍ଯ୍ୟନ୍ତ ଚାଲିଥିବାବେଳେ ୨ୟ ପର୍ଯ୍ୟାୟ ଚଳିତ ମାସ ୨ ତାରିଖଠାରୁ ଆରମ୍ଭ ହୋଇଛି। ଏହା ୪ ତାରିଖରେ ଶେଷ ହେବ। ପ୍ରଥମ ପର୍ଯ୍ୟାୟରେ ଟୋଲ୍‌ପ୍ଲାଜାରେ କାମ କରୁଥିବା ୩୦ ଜଣ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିବା ବେଳେ ୨ୟ ପର୍ଯ୍ୟାୟରେ ୩୫ଜଣ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଉଛି।

ସୋମବାର ଟୋଲ୍‌ପ୍ଲାଜା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଶିବିରରେ ମୋଟ ୩୫ଜଣ ଟୋଲ୍ କଲେକ୍ଟର, ଟୋଲ୍ ଆସିଷ୍ଟାଣ୍ଟ, ଟୋଲ୍ ସୁପର ଭାଇଜର, ଷ୍ଟାଫ୍ ଇନ୍‌ଚାର୍ଜ ଓ ମ୍ୟାନେଜରଙ୍କୁ ତାଲିମ ପ୍ରଦାନ କରାଯାଇଛି। ଟୋଲ୍ ପ୍ଲାଜାରେ କାର୍ଯ୍ୟରତ ବିଭିନ୍ନ ବର୍ଗର କର୍ମଚାରୀଙ୍କୁ ଟୋଲ୍ ଟ୍ୟାକ୍ସ ଆଦାୟର ସୁପରିଚାଳନା, ଦୁର୍ଘଟଣା ସ୍ଥଳରେ ତତ୍‌କ୍ଷଣାତ୍ ପହଞ୍ଚି ଆହତଙ୍କୁ ଜରୁରିକାଳୀନ ସେବା ପ୍ରଦାନ, ରାଜ ପଥରେ ଯାତାୟାତ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସହିତ ସମ୍ମାନଜନକ ପରମ୍ପରା ସୃଷ୍ଟି କରିବା ଆଦି ଉପରେ ପ୍ରଶିକ୍ଷଣ ଦିଆଯାଉଛି। ପ୍ରଶିକ୍ଷକ ଭାବେ ଜାତୀୟ ରାଜମାର୍ଗ ପ୍ରାଧିକରଣ ଦିଲ୍ଲୀଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଟ୍ରେନର ଦିଲ୍ଲୀପ କୁମାର ପ୍ରଧାନ, ବିଶ୍ୱରଞ୍ଜନ କୁଅଁର ଯୋଗଦେଇ ଶିବିରାର୍ଥୀଙ୍କୁ ତାଲିମ ପ୍ରଦାନ କରିଛନ୍ତି। ଏଥିସହିତ ଝାରପୋଖରିଆ ଟୋଲ୍‌ପ୍ଲାଜାର କମ୍ପାନୀ ପରିଚାଳନକ ଆଶିଷ ଦାସ ଓ ଦକ୍ଷତା ତାଲିମ ଶିବିରର ତତ୍ତ୍ୱାବଧାରକ ତଥା ଟୋଲ୍ ପ୍ଲାଜାର ମ୍ୟାନେଜର ଭବାନୀ ଶଙ୍କର ମହାନ୍ତ ଉପସ୍ଥିତ ଥିଲେ ।

# ଟଙ୍କା ନେଣଦେଣକୁ ନେଇ ଗଳା ଚିପି ଦେଇଥିଲେ

## ଜମି ବ୍ୟବସାୟୀଙ୍କୁ ହତ୍ୟା ଘଟଣା

## ୩ ଅଭିଯୁକ୍ତ କୋର୍ଟ ଚାଲାଣ

ବାରିପଦା,୩।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲା ଭଞ୍ଜପୁର ଥାନା ଅଞ୍ଚଳରେ ଜମି ବ୍ୟବସାୟୀଙ୍କୁ ଅପହରଣ ଓ ହତ୍ୟା ମାମଲାର ପୋଲିସ ପର୍ଦ୍ଦାଫାଶ କରିଛି। ଟଙ୍କା ଦେଣନେଣ ଓ ଆଦିବାସୀଙ୍କ ଜମି କିଣାବିକାକୁ ନେଇ ଅଭିଯୁକ୍ତମାନେ ଗଳାଚିପି ହତ୍ୟା କରିଥିଲେ। ଘଟଣାରେ ୩ ଅଭିଯୁକ୍ତଙ୍କୁ ମଙ୍ଗଳବାର ଅପରାହ୍ନରେ ପୋଲିସ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଭଞ୍ଜପୁର ଥାନା ଅଧୀନ ଦାମୋଦରପୁର ଅଞ୍ଚଳର ଦର୍ଶନ କୁମାର ଭୂୟାଁ ଓ ଚାନ୍ଦୁଆ ଥାନା ଅଞ୍ଚଳର ପୂର୍ବତନ ସରପଞ୍ଚ ବିରେନ ସୋରେନ(୬୫) ଏବଂ ଝାଡ଼ଖଣ୍ଡ ବହଡ଼ାଗୋଡ଼ା ଅଞ୍ଚଳର ଅମରନାଥ ପଣ୍ଡା(୩୬)। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ. ୩୧/୨୫)ରୁଜୁ କରି ତଦନ୍ତ ଜାରି ରଖିଥିବା ନେଇ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଦୀପକ ଗୋଛାୟତ କହିଛନ୍ତି।

ସୂଚନାଯୋଗ୍ୟ, ଫେବୃଆରୀ ୧ ତରିଖ ରାତି ୧୧ଟା ସମୟରେ ବାଘଡ଼ାରୋଡ୍ ବଡ଼େଇ ସାହିର ସାଲଖୁ ମାର୍ଣ୍ଡିଙ୍କ ନିଖୋଜ ସମ୍ପର୍କରେ ତାଙ୍କ ସ୍ତ୍ରୀ ଝାନସୀରାଣୀ ଭଞ୍ଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଟଙ୍କା ଦେଣନେଣକୁ ନେଇ ତାଙ୍କ ସ୍ୱାମୀଙ୍କୁ ଦର୍ଶନ ଅପହରଣ କରିଥିବା ନେଇ ଜଣାଇଥିଲେ। ପୋଲିସ ତଦନ୍ତ ଚଳାଇ ହତ୍ୟାକାଣ୍ଡ ସମ୍ପର୍କରେ ଜାଣିବାକୁ ପାଇଥିଲା। ଦର୍ଶନଙ୍କ ସହିତ ସାଲୁଖୁଙ୍କ ନିବିଡ ସମ୍ପର୍କ ରହିଥିଲା। ଦର୍ଶନ ୩୪ ଲକ୍ଷ ଟଙ୍କା ସାଲଖୁଙ୍କ ପାଖରୁ ଋଣ ସୂତ୍ରରେ ନେଇ ବ୍ୟାଙ୍କ ଚେକ୍ ପ୍ରଦାନ କରିଥିଲେ। ତେବେ ସାଲଖୁ ଦେଇଥିବା ଋଣ ଅର୍ଥ ଆଦାୟ ପାଇଁ ଦର୍ଶନଙ୍କୁ ବାରମ୍ବାର ତାଗିଦ୍ କରୁଥିଲେ। ଏଥିରେ ବିରକ୍ତ ହୋଇ ଦର୍ଶନ ଝାଡ଼ଖଣ୍ଡ ବହଡ଼ାଗୋଡ଼ା ଅଞ୍ଚଳର ଅମରନାଥ ଓ ଚାନ୍ଦୁଆଥାନା ଅଞ୍ଚଳର ବିରେନଙ୍କ ସହ ଯୋଗାଯୋଗ କରି ସାଲଖୁଙ୍କୁ ଜୀବନରୁ ମାରିଦେବାକୁ ଯୋଜନା କରିଥିଲେ। ସାଲଖୁଙ୍କୁ ହତ୍ୟା କରିବା ପାଇଁ ଅମରନାଥଙ୍କୁ ୩୬ଲକ୍ଷ ଟଙ୍କା ନଗଦ ଆକାରରେ ଦେବେ ବୋଲି ଦର୍ଶନ ଡିଲ୍ କରିଥିଲେ। ଯୋଜନା ଅନୁଯାୟୀ, ୨୯ ତାରିଖ ସକାଳେ ଅମରନାଥ, ଦର୍ଶନ ଓ ବିରେନ ମିଳିତ ଭାବେ ଏକ କାରରେ ଜୁବୁଲି ପେଟ୍ରୋଲ ପମ୍ପ ନିକଟକୁ ଜମିଜମା ସମ୍ପର୍କରେ ଆଲୋଚନା ପାଇଁ ସାଲଖୁଙ୍କୁ ଆସିବାକୁ କହିଥିଲେ। ସାଲଖୁ ଏକ ସ୍କୁଟିରେ ଆସି ସେଠାରେ ପହଞ୍ଚି ଅପେକ୍ଷା କରିଥିବା ସମୟରେ ଅଭିଯୁକ୍ତମାନେ କାରରେ ଆସି ତାଙ୍କୁ ଆଗ ସିଟରେ ବସିବାକୁ କହିଥିଲେ। ସାଲଖୁ ବସିବା ପରେ କାରଟି ବେତନଟୀ ପଟେ ୧୮ନଂ. ଜାତୀୟ ରାଜପଥ ଦେଇ ଯାଇଥିଲା। ଏହି ସମୟରେ ପଛପଟୁ ସାଲଖୁଙ୍କ ଗଳା ଚିପି ହତ୍ୟା କରିବା ପରେ ବେତନଟୀ ଥାନା ଅଧୀନ ଜାମଶୂଳୀ ଜଙ୍ଗଲ ମଧ୍ୟରେ ଥିବା ଏକ ଖାଲରେ ପକାଇ ଶୁଖିଲାପତ୍ର ଢାଙ୍କି ଦେଇଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଅଭିଯୁକ୍ତମାନଙ୍କୁ ଧରି ୨ ଥର ସିନ ରିକ୍ରିଏସନ କରିଥିଲା। ଏହି ଘଟଣାରେ ବହଡ଼ାଗୋଡ଼ା ଅଞ୍ଚଳର ଅନ୍ୟ ଜଣେ ଅଭିଯୁକ୍ତ ଜଡିତ ଥିବା ପୋଲିସ ଜାଣିବାକୁ ପାଇଛି। ସେ ଫେରାର ଥିବା ବେଳେ ପୋଲିସ ତାଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଛି। ମାମଲାରେ ଅଧିକ ଅପରାଧି ଜଡ଼ିତ ଥିବା ନେଇ ତଦନ୍ତକାରୀ ଅଧିକାରୀ ବାରିପଦା ସଦର ଏସ୍‌ଡିପିଓ ସୁଜିତ ପ୍ରଧାନ ପ୍ରକାଶ କରିଛନ୍ତି।

# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା


ବିଦ୍ୟାଳୟ ପରିଚାଳନାଜଣେ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ବାଙ୍ଗିରିପୋଷି,୩।୨ (ସଞ୍ଜୟ କୁମାର ଅଗ୍ରୱାଲା): ବାଙ୍ଗିରିପୋଷି ବ୍ଲକ ଅଧୀନ ହିଜିଳି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୁରୁଣା ବସନ୍ତପୁର କ୍ଲଷ୍ଟର ସିଆର୍‌ସିସି ବାବୁଲାଲ ମୁର୍ମୁ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ନେତା ଲକ୍ଷ୍ମଣ ବିସାନ ମୁର୍ମୁ ପ୍ରତିଯୋଗିତା ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟାସଭ୍ୟ,ଅଭିଭାବକମାନଙ୍କ ଉପସ୍ଥିତିରେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପଞ୍ଚମ ଶ୍ରେଣୀର ୨ ଜଣ ଛାତ୍ରୀ ମେଧାବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ସେମାନଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।


**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୦୧/୧, ତାରିଖ: ୩୧।୦୧।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳପଥ ପ୍ରବନ୍ଧକ (ଇଏନ୍‌ଜିଜି.), ଦ.ପୂ. ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ପାଇଁ ଦର୍ଶାଯାଇଥିବା ତାରିଖର **୧୫.୦୦** ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହାକୁ **୧୫.୩୦** ଘଟିକାରେ ଖୋଲାଯିବ: **ଟେଣ୍ଡର ନଂ.:** ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୨୩-୨୦୨୪ । **କାର୍ଯ୍ୟର ବର୍ଣ୍ଣନା:** "କ୍ୟାରିଏଜ୍ ଶପ୍, ଖଡ଼ଗପୁର ୱାର୍କଶପ୍‌ର ସ୍ପ୍ରିଙ୍ଗ୍ ସେକ୍ସନ"ର ପରିବର୍ଦ୍ଧନ । **ଟେଣ୍ଡର ମୂଲ୍ୟ:** ₹୯୯,୧୨,୧୭୭.୪୮ । **ଅମାନତ ରାଶି:** ₹୧,୯୮,୩୦୦/- । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ୦.୦୦ । **କାର୍ଯ୍ୟର ସମାପ୍ତି ଅବଧି:** ୦୬ ମାସ । **ଖୋଲାଯିବା ତାରିଖ:** ତା୧୩।୦୨।୨୦୨୫ରିଖ । **ବିଡିଂ ଆରମ୍ଭ ତାରିଖ:** ତା୩୦।୦୧।୨୦୨୫ରିଖରୁ ତା୧୩।୦୨।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **"www.ireps.gov.in"** ପରିଦର୍ଶନ କରିପାରନ୍ତି। **(PR-1093)**



**ପୂର୍ବ ତଟ ରେଳପଥ**

**ସାଙ୍କେତିକ ସୂଚନା**

**ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ଅବସରପ୍ରାପ୍ତ ରେଳ କର୍ମଚାରୀମାନଙ୍କର ପୁନଃନିଯୁକ୍ତି**

ସଂ.: SBP/Pers/Staff/Re-engagement of retired staff/01, ତାରିଖ : 31.01.2025

ବିସ୍ତୃତ ବିଜ୍ଞପ୍ତି ସ. SBP/Pers/Staff/Re-engagement of retired staff, ତାରିଖ 31.01.2025, ପୂର୍ବ ତଟ ରେଳପଥର ୱେବସାଇଟ୍‌ର ନିମ୍ନଲିଖିତ ଠିକଣାରେ ଉପଲବ୍ଧ : **www.eastcoastrail.indianrailways.gov.in ➲ About us ➲ Division ➲ Sambalpur Division ➲ Recruitment.**

ମଣ୍ଡଳ ରେଳ ପ୍ରବନ୍ଧକ (କାର୍ମିକ) / ସମ୍ବଲପୁର

PR-944/P/24-25



**PUBLIC NOTICE**

WE THE LEGAL HEIRS OF LATE KAILASH MAHANTA AND LATE. KASHINATH MAHANTA, S/O. LATE. GUHIRAM MAHANTA OF VILLAGE/TOWN - BARBIL MAHANTA BASTI, P.O./P.S. BARBIL, TAHASIL - BARBIL, DIST. - KEONJHAR HEREBY NOTIFY BY THIS PUBLIC NOTICE THAT WE ARE GOING TO SALE ONE OF OUR LAND BEARING PLOT NO. 75 IN KHATA NO. 15 OF MOUZA- SADING UNIT - 6, BARBIL COMPRISING AN AREA OF A 2.870 DECIMALS, UNDER BARBIL TAHASIL IN THE DISTRICT OF KEONJHAR, ODISHA. IF ANY DEMAND BY ANY PERSON REGARDING THIS LAND MAY CONTACT WITH ONE OF THE LEGAL HEIR NAMELY MANAS RANJAN MAHANTA, S/O. LATE. MANOHAR MAHANTA WITHIN A PERIOD OF 7 DAYS FROM TODAY. OTHERWISE NO CLAIM SHALL BE ENTERTAINED IN FUTURE.

**MANAS RANJAN MAHANTA**
**(CONTACT NO. 7064704178)**



**LIFE INSURANCE CORPORATION OF INDIA**
**DIVISIONAL OFFICE, JEEVAN PRAKASH, AINTHAPALI, SAMBALPUR-768004**
**Ph.0663-2541550, E-mail Id:os.sambalpur@licindia.com**

**NOTICE FOR EMPANELMENT: 2025-28**

Applications are invited from reputed firms for empanelment for Printing & order supply of Stationery forms and Envelops, Printing of Continuous Stationery Items and Supplier of I.T. consumable items at Sambalpur Divisional Office. **For complete details please log on to our website www.licindia.in and go to "Tenders" and click on the link "NOTICE FOR EMPANELMENT SAMBALPUR DIVISION, F.Y. 2025-28"** Application forms may be obtained from OS department of Sambalpur Divisional Office of LIC of India at above mentioned address from **04.02.2025 to 25.02.2025** on all working days from **10.00 a.m. to 04.00 p.m. except on Saturdays, Sundays** and holidays. **Last date for submission of application form is 25.02.2025 (4.00 p.m.). Any subsequent change in Terms & Conditions of the Notice of Empanelment will be published on our website only.**

**Dt- 03.02.2025** **Sd/- Sr. Divisional Manager**



**State Health Assurance Society**
**A1 Block, 2nd Floor, Toshali Bhawan, Satya Nagar**
**Unit-9, Bhubaneswar – 751007, Odisha**
**Phone/Fax :0674-2620500**

No.E-

**TENDER CALL NOTICE FOR PRINTING & SUPPLY OF ENVELOP, ABPMJAY-GJAY CARD HOLDER (POUCH), FAQ (LEAFLET) & HCM LETTER**

**Tender Advt. No. 01/2025** **Date: 03.02.2025**

Sealed tenders are invited from registered agencies (with GST registration having GSTIN) having adequate experience in taking up the works of composing / proof reading / designing and printing. Details regarding the design of these items, specifications, printing and supply terms & conditions may be downloaded from the websites: www.nhmodisha.gov.in (under link "Tender"). A pre-bid meeting shall be held on **06.02.2025, 03.30 PM at NHM Conference Hall, Unit-8, Bhubaneswar**. The tender should reach the office of the undersigned by **10.02.2025 (till 03.00 PM)**. The Tender will be opened at **04.00 PM on 10.02.2025 at NHM Conference Hall, Unit-8, Bhubaneswar.** Any changes in the tender document including extension if any shall only be notified in the website mentioned above.

The undersigned reserves the right to reject any or all the tenders / cancel the tender without assigning any reason thereof.

Sd/
Chief Executive Officer
State Health Assurance Society, Odisha

OIPR-10170/11/0008/2425



भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान
**I.C.A.R-Central Institute of Freshwater Aquaculture**
कौशल्यागंग, भुवनेश्वर-751002, ओड़ीशा
Kausalyaganga, Bhubaneswar-751002, Odisha

Advertisement No. 22/2024-25 Date of Insertion: 04.02.2025

**ADVERTISEMENT FOR RECRUITMENT OF CONTRACTUAL STAFF UNDER THE MULTINATIONAL PROJECT 'AQUALIVELIHOOD'**

Applications are invited through Speed Post/Registered Post only up to 05:30 PM on 24.02.2025 for the following contractual positions under the SAARC Development Fund (SDF) sponsored project titled: "Livelihood Enhancement of Small-Scale Fish Farmers and Nutrition Security of Rural Masses in the SAARC Region through Aquaculture Development" (AquaLivelihood).

**Available Positions:**
- Communication Specialist – 01 (One)
- Aquaculture Specialist – 01 (One)
- Administration and Operations Officer – 01 (One)
- Project Finance & Account Officer – 01 (One)

The positions are purely on a contractual basis and coterminous with the completion of the project, at the Aqualivelihood Project Coordination Unit, ICAR-CIFA, Bhubaneswar.

For detailed information on eligibility, qualifications, and application procedures, please visit the ICAR-CIFA website: **www.cifa.nic.in**

**Project Coordinator, Bhubaneswar**

